# କାରା-କବିତା

( ୧୯୨୩-୨୪ ରେ ହଜାରିବାଗ ଜେଲରେ ଲିଖିତ )

ଗୋପବନ୍ଧୁ

ପଞ୍ଚମ ମୁଦ୍ରଣ

ପ୍ରକାଶକ

ଗୋପବନ୍ଧୁ ସାହିତ୍ୟ ମନ୍ଦିର
ସତ୍ୟବାଦୀ ପ୍ରେସ
ପୋ: ଅ: ଚାନ୍ଦିନୀଚୌକ, କଟକ
୧୯୫୩

ମୂଲ୍ୟ ଆଠଅଣା

# ନିବେଦନ

ପୁଣ୍ୟାତ୍ମା ଗୋପବନ୍ଧୁ ୧୯୨୩-୨୪ ମସିହାରେ ହଜାରିବାଗ ଜେଲରେ ୨ ବର୍ଷକାଳ ବନ୍ଦୀ ହୋଇଥିବା ବେଳେ "ବନ୍ଦୀର ଆତ୍ମକଥା" କବିତା ଛଡ଼ା ଆଉ ଯେ କେତୋଟି କବିତା ଲେଖିଥିଲେ, ତାହାସବୁ ୧୯୨୮ ଜୁନ ୧୭ ତାରିଖ ତାଙ୍କର ପରଲୋକ ହେବା ପରେ 'ସମାଜ'ର ଶ୍ରାଦ୍ଧସଂଖ୍ୟାମାନଙ୍କରେ ପ୍ରକାଶ ପାଇଥିଲା । ସେହି କବିତାଗୁଡ଼ିକୁ ବର୍ତ୍ତମାନ କ୍ଷୁଦ୍ର ପୁସ୍ତକାକାରରେ ପ୍ରକାଶ କରାଯାଉଛି । ତ୍ୟାଗୀ, ଯୋଗୀ, ସାଧକ, କର୍ମୀ, ଗୃଳକ, ଭାବୁକ, ସାହିତ୍ୟିକ, ସଂସ୍କାରକ, ପ୍ରେମିକ, ଭକ୍ତ, କବି ଗୋପବନ୍ଧୁଙ୍କ ସୁଲଳିତ କବିତାଧାରାରେ ତାଙ୍କ ହୃଦକନ୍ଦର-ନିହିତ ଅପୂର୍ବ ଭାବରାଶି ଏସବୁ କବିତାରେ ଯେପରି ବିକଶିତ ହୋଇଛି— ତାହା ବାସ୍ତବିକ ଗୋଟିଏ ପବିତ୍ର ମନୋହର ମାଳାରୂପେ ଜୀବନର ସନ୍ଧ୍ୟାରେ ସେ ଦେଶବାସୀଙ୍କୁ ଅର୍ପି ଦେଇଯାଇଛନ୍ତି । ଆମ୍ଭେମାନେ ତାଙ୍କ ବନ୍ଦୀଜୀବନ ଓ ଶେଷ ଜୀବନର କେତେକ ଛବି ସହିତ ସେହି 'କାରା-କବିତା' ମାଳା ଦେଶବାସୀଙ୍କ ହସ୍ତରେ ଦେଇ ଆଶା କରୁଛୁ ଯେ ଏହା ସାଦରେ ଗୃହୀତ ହେବ ।

ପ୍ରକାଶକ

**ଗୋପବନ୍ଧୁ ସାହିତ୍ୟ ମନ୍ଦିର**

# ସୂଚୀ


| ବିଷୟ | ପୃଷ୍ଠା |
| --- | --- |
| ୧ । ସତ୍ୟଧାମ ନୀଳାଚଳ ... ... | ୧ |
| ୨ । ବ୍ୟଥିତପ୍ରାଣର ଅନ୍ତିମ ଅଶ୍ରୁ (ଜଣେ ଆଜୀବନ ସହକର୍ମୀଙ୍କ ପ୍ରତି) | ୨ |
| ୩ । କାହିଁ ଅଛୁ ? ... ... | ୬ |
| ୪ । ଆହା ! ଭୁଲିଗଲେ ... ... | ୭ |
| ୫ । ପିତୃପକ୍ଷ ତର୍ପଣ ... ... | ୮ |
| ୬ । ବନ୍ଦୀର ବିରହବ୍ୟଥା ... ... | ୨୦ |
| ୭ । ବନ୍ଦୀର ସାନ୍ଧ୍ୟଭକ୍ତି ... ... | ୨୨ |
| ୮ । ବନ୍ଦୀର ସ୍ୱଦେଶଚିନ୍ତା ... ... | ୨୪ |
| ୯ । ବନ୍ଦୀର ସନ୍ଧ୍ୟା-ଭାବନା ... ... | ୪୭ |
| ୧୦ । କାରାରେ ଜଣେ ବନ୍ଧୁଙ୍କ ବିୟୋଗବାର୍ତ୍ତା ଶୁଣିବା ପରେ | ୫୧ |
| ୧୧ । ଦେଖାଦିଅ ବାରେ ... ... | ୫୫ |
| ୧୨ । ପ୍ରେମର କି ଏହି ପରିଣାମ ? ... ... | ୫୭ |
| ୧୩ । ବିଶ୍ୱର ମିଳନଚକ୍ର ... ... | ୬୧ |

# କାବ୍ୟ-କଣ୍ଠ

## ନିତ୍ୟଧାମ ନୀଳାଚଳ

ନୀଳଚକ୍ର ତଳେ କେ କରିବ ବାସ
କେ ଦେଖିବ ନୀଳାଚଳେ ନିତ୍ୟ ରାସ,
ବୋଲି ହରି ହରି
କେ ପ୍ରେମ-ଭିଖାରୀ
ପରାଣ ପୁଲକେ ତେଜିବ ନିଶ୍ୱାସ ? ୧ ।
ସେହି, ନାହିଁ ଯାର ନିଜ ପର ଜ୍ଞାନ,
ପାଏ ନୀଚ ଯାର ସ୍ନେହ ସନମାନ,
ବିଶ୍ୱ ହିତେ ଯାର
ଆହାର ବିହାର,
କରେ ବିଶ୍ୱ ହିତେ ଯେ ଜୀବନ ଦାନ । ୨ ।
ସେହି, କରେ ଯେହୁ ସତ୍ୟ ଆଚରଣ,
ସତ୍ୟ ଆରାଧନା, ସତ୍ୟ ସମ୍ଭାଷଣ,
ଭିତର ବାହାର
ଯାର ସତ୍ୟ ସା'ର,
ସୁଖେ ଦୁଃଖେ ସଦା ସତ୍ୟ ଯା ଶରଣ । ୩ ।
ନାହିଁ ଜାତିଭେଦ, ନାହିଁ ଧର୍ମଭେଦ,
ସାମ୍ୟମୈତ୍ରୀମନ୍ତ୍ର ଗାଏ ଯାର ବେଦ,
କେ କରିବ ଭେଦେ
ଦେବତା ମାନବେ
ନୀଳାଚଳେ ତା'ର ପ୍ରବେଶ ନିଷେଧ ? ୪ ।

# ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ

(ଜଣେ ଆଜୀବନ ସହକର୍ମୀଙ୍କ ପ୍ରତି)

କାହା'ଗେ ଗାଇବି ପରାଣ-ସଙ୍ଗୀତ
କା ପାଶେ ବାଇବି ଅନ୍ତର-ବୀଣା,
କା କାନେ କହିବି; ମରମ-ବେଦନା,
ମନକଥା ମନେ ରହିଲା ସିନା !

ଜୀବନ-ପ୍ରଭାତେ ଆପଣାର ବୋଲି
କରିଥିଲି ଯାକୁ ପରାଣ-ସଖା,
ସେ ତ ନ ଜାଣିଲା ମୋ ଅନ୍ତର ଗତି
ଦେଲା ମୋ ପରାଣେ ଦାରୁଣ ଧକ୍କା ।

ଯା ମୁଖ ଆନାଇଁ ଅନ୍ତିମ ସଙ୍କେତ
ଦେଇ ଲଭିଥାନ୍ତି ଶେଷ ସାନ୍ତ୍ୱନା,
ମୋ ନେତ୍ର-ଲୋତକେ ସତ୍ୟ ସରଳତା
ନ ଦେଖି ଦେଖେ ସେ ନୀଚ ଛଳନା ।

ଯାର ଗଉରବେ ମୋ ଭାଗ୍ୟ ବିଭବ
ଯାର କୃତିତ୍ୱ ଏ ପ୍ରାଣ ଉଲ୍ଲାସେ,
ମୋର ଉପଯୋଗେ ସେ ଯେବେ କାତର
ଏ ଜୀବନ ଆଉ କି ସୁଖ ଆଶେ ?

ଜୀବନ କି ଖାଲି ନିରାଶାର ବାଲି,
ମରୁ-ମରୀଚ କି ସେନେହ ପ୍ରୀତି,
ତେବେ କି ଆଶାରେ କହ ଏ ସଂସାରେ
ପର ଲାଗି ନର ମରୁଚି ନିତି ?

ପ୍ରେମ ପରି ସହେ, ସନ୍ଧ ସୁଖ ପାଏ
ପ୍ରେମ ନ ଜାଣଇ କେବେ ଶୋଚନା,
ପ୍ରିୟଜନେ ନୁହେ ପ୍ରେମିକ ବିମୁଖ
ହେଲେ ହେଉ ପଛେ ଗୁରୁ ଗଞ୍ଜନା ।

ମୋ ପ୍ରେମ କି ସତେ କେବଳ ଛଳନା
ଲୋଡ଼େ ଅଲକ୍ଷିତେ ଆପଣା ସୁଖ ?
କରୁଛ କି ମୁହିଁ ଆତ୍ମ-ପ୍ରବଞ୍ଚନା
ତେଣୁ ମୋ ମନେ ଏ ଦାରୁଣ ଦୁଃଖ ।

ଲଭିଅଛୁ ଏବେ ଆତ୍ମପରିଚୟ
ଲଭିଅଛୁ ମୋର ହୃଦ-କାଳିମା,
କର ପ୍ରାଣସଖା ତୀବ୍ର କଷାଘାତ
ପରଖ ଏ ହୃଦ-ସହନ-ସୀମା ।

କଷାକ୍ତ-ନୟନେ ମୋ ସରଳ ପ୍ରାଣେ
ଦେଖ ଯେବେ ସଖା କପଟ-କାଳି,
ଆଖି ପୋଛି ଦେଖ ମୋ ହୃଦେ ତୋ ହୃଦ,
ଆତ୍ମପରିଚୟେ ନ ଦିଅ ଗାଳି ।

ଗାଳି ଗଞ୍ଜନାକୁ ନାହିଁ ମୋର ଛଳ
ତୁମ ଅନୁତାପ ଏକା ଶୋଚନା,
ପାଅ ଯେବେ ସୁଖ ସେ କଟୁ ବଚନେ
ଦେବ ତା ମୋ ହୃଦେ ମଧୁ ମୂର୍ଚ୍ଛନା ।

ଫୁଲ ପରି ପ୍ରେମ ଝାଉଁଳେ କି ବନେ
ପ୍ରେମ ଯେ ଅନନ୍ତ ଅକ୍ଷୟ ଧାରା,

ଦୂର କଲେ ମତେ          ହେବ କି ଅନ୍ତର
ତୁମେ ଯେ ମୋ ପ୍ରାଣ-ପ୍ରଣୟ-କାରା ।

ଏ ଜୀବନେ ପ୍ରେମ          ନୁହେ ଅବସାନ
ଅନ୍ୟ ସ୍ଥାନେ ପୁଣି ହେବ ତ ଦେଖା,
ଶୁଦ୍ଧ ନେତ୍ରେ ତହିଁ          ଦେଖିବ ମୋ ହୃଦେ
ପ୍ରେମ-ରସାଣିତ ଅମୃତ ଲେଖା ।

ପ୍ରେମେ ଅବଗାଢ଼          ନିଜ ପରିଚୟ
ପାଇଅଛି ମୁଁ ଏ କ୍ଷୁଦ୍ର ଜୀବନେ,
ମୋ ହୃଦ-କଲ୍ଲୋଳ          ଉଛୁଳେ ଉଲ୍ଲାସେ
ଜଳେ ସ୍ଥଳେ ଫଳେ ଫୁଲେ ଗଗନେ ।

ଶତ ଆବର୍ଜନା          ସହସ୍ର ତାଡ଼ନା
କିବା ଶତ ସ୍ନିଗ୍ଧ ସୁମନ-ହାର,
ଏ ପ୍ରେମ-କଲ୍ଲୋଳେ          ସମାନ ସକଳେ
ପରମ ସାଦର ସ୍ନେହ-ସମ୍ଭାର ।

ନିଜକୁ ଭୁଲି ମୁଁ          ପାଇଅଛି ସଖା
ନିଜ ପରିଚୟ ନିଜ ତୃପତି,
ତବ କଷାଘାତେ          ଜନମିଛି ମୋର
କଠୋର ପ୍ରହାର ସହିବା ଶକତି ।

ଗାଢ଼ ଆଲିଙ୍ଗନ          ସୁମଧୁର ଚୁମ୍ବନ
ଅଶ୍ରୁଧାରା ଯେଉଁ ପ୍ରେମ-ବ୍ୟଞ୍ଜନା,
ଲୋହିତ ଲୋଚନ          ନିଷ୍ଠୁର ବଚନ
ଓଲଟ ଲକ୍ଷଣେ ତାର ଲାଞ୍ଛନା !

ଏ ବେଦନ ବିପ୍ଳବ ହେଲା ଅନୁଭବ
ଅଳପ ଦିବସେ ତୁମ ସଙ୍ଗତେ,
କେତେ ସୁଖଦୁଃଖ ସୁହାସ ଲୋତକ
ନଭିଇଲ ଏହି ଅଙ୍ଗେ ଗୁପତେ ।

ତବ କୋପାନଳେ ବିଦଗଧ ହୋଇ
ଝଳିଛୁ ଦି'ଗୁଣେ ଏ ମୋ ପରାଣ,
ବୁଝିଛୁ ଜଗତେ ଶ୍ରେଷ ତୋଷ ବେଦନ
ପ୍ରେମମୟଙ୍କର ପ୍ରେମ ପ୍ରଦାନ ।

ତାଙ୍କ ପ୍ରେମ-ରାଜ୍ୟ ନାହିଁ ଅସୁନ୍ଦର
ଅସତ୍ୟ ଅନ୍ୟାୟ ଅଶୁଭ ବିନ୍ଦୁ,
କି ମୋର ଭାବନା ମୋ ପ୍ରାଣ-ପ୍ରବାହ
ଭେଟିଅଛୁ ଆଜି ସେ ପ୍ରେମସିନ୍ଧୁ ।

# କାହିଁ ଅଛ ?

କାହିଁ ଅଛ ନାଥ ପରାଣଦେବତା !
ଦେଖାଦିଅ ମତେ ଥରେ ହେ,
ଭବ-ପାରାବାରେ ବିଷମ ପ୍ରହାରେ
ଏ ହୃଦସ୍ଥ ମୋର ଥରେ ହେ ।

ତୁମେ ପରା ପ୍ରଭୁ ମୋ ଅନ୍ତରଯାମୀ
ଦିଶୁନାହଁ ତ ଅନ୍ତରେ ହେ,
ରହିଥିଲେ ଲୁଚି ଦିଅ ବେଗେ ସୂଚି
ଦେଖା ହେବ କି ମନ୍ତରେ ହେ ।

ସାରା ବିଶ୍ୱ ଭରି ପ୍ରକାଶିଛ ହରି !
ବେଦ ବଦେ ସଙ୍ଗୀତରେ ହେ,
ରୂପ ରେଖ କାହିଁ ଏବେ ଦିଶୁନାହିଁ
ବାହାରେ କବା ଭିତରେ ହେ ।

ସେ ଦିବ୍ୟ-ଅଞ୍ଜନ ପ୍ରଭୁ ନିରଞ୍ଜନ
ଦିଅ ଏ ନେତ୍ରରେ ବାରେ ହେ,
ନବ ଜ୍ୟୋତିରେଖା ଦେଉ ପଥେ ଦେଖା
ଆଜି ଅମା-ଅନ୍ଧକାରେ ହେ ।

# ଆହା ଚାଲିଗଲେ

କି ମୋହନିଦ୍ରା ମୋତେ ଘୋଟିଥିଲା ?
କିପାଁ ଏ ପାପ ଆଖି ନ ଫିଟିଲା । ୦ ।

ପାଖରେ ମୋର ବସି
ଚାରୁ ମୋହନ ବଂଶୀ
ବଜାଇ କି ବେଗେ ସେ ଚାଲିଗଲା !

ଡାକିଲା କେତେ ଥର
ହେବାକୁ ଉଜାଗର,
ପଦେ ହେଲେ ଉତ୍ତର ନ ଆସିଲା !

ମୋ କକ୍ଷ ଅନ୍ଧକୂପ
ସେ ପ୍ରେମମୟ ରୂପ
ଆଲୋକ କାହିଁ କ୍ଷଣେ ଲଭିଗଲା !

ନ ମେଲିଲି ନୟନ
ପଥେ ପଡ଼ିବା ଧନ
ଏ ଭାଗ୍ୟହୀନ ନେତ୍ର ନ ଦେଖିଲା !



# ପିତୃପକ୍ଷ ତର୍ପଣ

ଆସିଅଛୁ ପିତୃପକ୍ଷ କରୁଛୁ ତର୍ପଣ,
ମନ୍ତ୍ରପାଠ ତିଳୋଦକେ କରେଁ ସମର୍ପଣ ।

ପିତୃ ପିତାମହଗଣ ବୈଦିକ ବିଧାନେ,
ଦେବଗଣେ, ଋଷିଗଣେ ପୂଜେଁ ଜଳଦାନେ ।

ଅଧିକ କରିବି କିବା ଏଥି କାରାବାସେ,
ଏ ଆଶ୍ୱାସ ସଙ୍ଗେ ମନେ ସଂଶୟ ମୋ ଆସେ ।

ମୁଁ ଯେ କାରାଗାରେ ବନ୍ଦୀ, ବନ୍ଦୀର ତର୍ପଣ
କରନ୍ତି କି ପିତୃଲୋକେ ସାଦରେ ଗ୍ରହଣ ?

ବନ୍ଦୀଶାଳେ ଦତ୍ତ ଜଳ ତିଳ ଉପହାର
କରନ୍ତି କି ପିତୃଲୋକେ ଆଦରେ ଆହାର ?

ବନ୍ଦୀ ଉଚ୍ଚାରିତ ସ୍ୱାହା ସ୍ୱଧା ବଷଟ୍‌କାର
ହୁଅଇ କି ପିତୃଲୋକେ ଶୁଦ୍ଧ ସୁଧାଧାର ?

ବନ୍ଦୀପରି ଅପରାଧୀ କଳୁଷିତ ପ୍ରାଣ,
ପିତୃ ଦେବଗଣେ ଗ୍ରାହ୍ୟ କିପରି ତା ଦାନ ?

ଅକାରଣ ତେବେ କି ମୋ ଉଦକ-ଅଞ୍ଜଳି ?
ଏ ତିଳ ତଣ୍ଡୁଳ ମାତ୍ର କାକ-ଶ୍ୱାନ ବଳି ?

କରୁଛୁ କି ପଣ୍ଡଶ୍ରମ ଉଷୀର କର୍ଷଣ
କାରାଗାର କଷ୍ଟସାଧ୍ୟ ବୃଥା ଆୟୋଜନ ?

ନିରାଶା ସଂଶୟେ ପ୍ରାଣ ବ୍ୟାକୁଳ ବିଶେଷ,
କେ ଏଥି ତୋଷିବ ମନ ଦେଇ ଉପଦେଶ ?

ମୁଁ କି ଦୋଷୀ ? ପଗ୍ଭରିଲେ ଅନ୍ତରେ ଅନାଇଁ
ଅନ୍ତରୁ ଉତ୍ତର ଆସେ ନାହିଁ ନାହିଁ ନାହିଁ ।

ନୁହେ ନରହନ୍ତା କିବା ପର ଧନହାରୀ,
ପରଶି ନାହିଁ ଏ ତନୁ କେବେ ପର ନାରୀ ।

କ୍ରୀଡ଼ାରେ ଦେଇନାହିଁ ପର ପ୍ରାଣେ ପୀଡ଼ା,
ଅପରାଧେ ଅନ୍ୟ ପାଶେ ହୋଇନାହିଁ ଛୁଡ଼ା ।

ହରିନାହିଁ କେବେ ଶସ୍ୟ ବଳେ ପର କ୍ଷେତ୍ରୁ,
କାଟିନାହିଁ ସାଧାରଣ ଜଳାଶୟ ସେତୁ ।

କରିନାହିଁ ଶାନ୍ତିଭଙ୍ଗେ କାହିଁ ଆୟୋଜନ,
ଦେଇନାହିଁ ଜାତି-ଧର୍ମ-ବିଦ୍ୱେଷ-ଭାଷଣ ।

କରିନାହିଁ ପର ନିନ୍ଦା ଈର୍ଷା ଅହଂକାରେ,
ଅପରାଧେ କଳୁଷିତ ହେବେ କି ପ୍ରକାରେ ?

କହନ୍ତି ମତେ ଯେ ରାଜନୀତି-ଅପରାଧୀ
ରାଜା ପ୍ରତି ମନେ ହେଲେ କେବେ ନାହିଁ ବାଧି ।

ରାଜା ପ୍ରଜାଙ୍କର ଶାନ୍ତି ଶୁଭ ଅଭିଳାଷେ
ପ୍ରତ୍ୟହ ପ୍ରାର୍ଥନା ମୋର ବିଭୁପଦ ପାଶେ ।

କାହିଁ ରାଜଧର୍ମ ଆଜି ପବିତ୍ର ଭାରତେ,
ମରନ୍ତି ଯେ ଦେଶେ ପ୍ରଜା ଦୁର୍ଭିକ୍ଷ ଆରତେ ?

ସୀତା ଦମୟନ୍ତୀ ବଂଶେ ଜାତ କୁଳାଙ୍ଗନା
ଲଭନ୍ତି ଯେ ଦେଶେ ଆଜି ଘୋର ନର୍ଯ୍ୟାତନା ।

ପ୍ରଜା ଲାଗି ସର୍ବତ୍ୟାଗ ଯହିଁ ରାଜନୀତି,
ମହାରାଜା ରାମଚନ୍ଦ୍ର ଲୋଡ଼ି ପ୍ରଜାପ୍ରୀତି,

ତେଜିଥିଲେ ପ୍ରାଣପ୍ରିୟା ସୀତା ବନବାସେ,
ଏହି କି ସେ ଦେଶ ଯହିଁ ପ୍ରଜା ହିତ ଆଶେ,

ଜେଷ୍ଠ୍ୟସୁତ ଅସମଞ୍ଜେ ସଗର ରାଜନ
ଅକାତରେ କରିଥିଲେ ଦେଶୁଁ ବିସର୍ଜନ ?

ରାଜପଦ ଅର୍ଥ ଯହିଁ ପରଜା ରଞ୍ଜନ,
ସହେ ପ୍ରଜା ତହିଁ ଏବେ କି ଗୁରୁ ଗଞ୍ଜନ ?

ରାଜଧର୍ମ କ୍ଷାତ୍ରଧର୍ମ କ୍ଷତୁଁ କରେ ତ୍ରାଣ,
ରାଜନୀତି ଶ୍ରେଷ୍ଠ ଯେବେ କ୍ଷତ ପ୍ରଜାପ୍ରାଣ ।

ଘୋର ଅପଚାର ଯେବେ ରାଜନୀତି ନାମେ,
ସତ୍ୟ ରାଜନୀତି କାହିଁ ଏ ଭାରତ ଧାମେ ?

ପ୍ରଜା ଲାଗି ରାଜା, ପ୍ରଜା ହିତେ ରାଜନୀତି,
ପ୍ରଜା ଇଚ୍ଛା ଅଭିମତ ରାଜ୍ୟ ମୂଳଭିତ୍ତି,

ସାର୍ବଭୌମ ସନାତନ ଏ ଶାସନବିଧି
ଲଭିଛି ସର୍ବତ୍ର ଆଜ ବିଶେଷ ପ୍ରସିଦ୍ଧି ।

ଭାରତ ଶାସନେ କିନ୍ତୁ ବ୍ୟବସ୍ଥା ସ୍ୱତନ୍ତ୍ର,
ଏ ରାଜ୍ୟେ ଅମାତ୍ୟସଂସ୍ଥା ରାଜନୀତି ଯନ୍ତ୍ର ।

କାହିଁ ଏଥି ରାଜା ? ଏ ଯେ ନୌକର ସାହ,
ପ୍ରଜା ସୁଖ ଶାନ୍ତି ନାମେ ବୃଥା ଧର୍ମଦ୍ରୋହ ।

ପ୍ରଜାହିତ ପ୍ରଜାମତ ଛଳନା କେବଳ,
ପ୍ରେଷ୍ୟ ଗୋଷ୍ଠୀ ଇଚ୍ଛାଧୀନ ଏ ଶାସନ ବଳ ।

ସ୍ୱାଧୀନତା ମାନବର ଜନ୍ମ ଅଧିକାର,
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର,

ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମଷ୍ଟି,
ଦୁଇ ସ୍ତମ୍ଭେ ମାନବର ସମାଜ-ସଂସ୍ଥିତି ।

ଭାରତେ ଅମାତ୍ୟସଂସ୍ଥା ରାଜନୀତି ଆଜ
ଓପାଡ଼ି ଏ ଦୁଇ ସ୍ତମ୍ଭ ଭାଙ୍ଗିଛି ସମାଜ ।

ଦେବଭୂମି କର୍ମଭୂମି ଧର୍ମଭୂମି ସାର
ଭାରତରେ ନାହିଁ ନର ଜନ୍ମ ଅଧିକାର ।

ଆର୍ଯ୍ୟଋଷି ପ୍ରତିଷ୍ଠିତ ପବିତ୍ର ଭାରତ
ନିସ୍ତେଜ ନିଷ୍ପ୍ରଭ ଦୀନ ପରପଦାନତ ।

ଦେଖି ଏ ଦୁର୍ଗତି ମୋର ପିତୃ ପିତାମହ,
ଅନ୍ତରୀକ୍ଷେ ଦେବଗଣ ଋଷିଗଣ ସହ

ବିକଳେ କାନ୍ଦନ୍ତି, ମୋର ହୃଦେ ଏ ପ୍ରତୀତି,
ମାନବ କିପରି ତେବେ ଏ ଶାସନ-ନୀତି ?

ରାଜନୀତି ଉଲ୍ଲଙ୍ଘନେ ନାହିଁ ମୋର ଦୋଷ,
ଏଥି ମୋର ପିତୃଗଣ ଲଭନ୍ତି ସନ୍ତୋଷ ।

ନୁହେ ଯେଉଁ ନୀତି ପ୍ରଜାମତ ଅନୁକୂଳ,
ଯାର ନିଷ୍ପେଷଣେ ପ୍ରଜା ବିବ୍ରତ ବ୍ୟାକୁଳ,

ଯାର ବ୍ୟୂହେ ଏକ ଦେଶେ ଅନ୍ୟ ଅଧିଗତ,
ଏକ ଜାତି ଅନ୍ୟ ଜାତି ଚରପଦାନତ,

ଯାର ଚକ୍ରେ ତ୍ରିଂଶକୋଟି ଭାରତ-ସନ୍ତାନ,
ନିଜବାସେ ପରବାସୀ ନିଜ ଦେଶେ ଶ୍ୱାନ,

ଯାର ଫଳେ ହର୍ପବାସୀ ମୋର ଦେଶବାସୀ,
ଭାରତ ଜନନୀ ମୋର ପରଦ୍ୱାରେ ଦାସୀ,

ନୁହେ ସେ ନୀତି ମୋ ପିତୃ ଦେବର୍ଷି ସମ୍ମତ,
ନୁହେ ତାହା ଆର୍ଯ୍ୟଧର୍ମ ନ୍ୟାୟ ସୁସଙ୍ଗତ

ଅପରାଧ ନୁହେ ନିଶ୍ଚେ ସେ ନୀତି ଲଙ୍ଘନ,
ଭାରତର ଧର୍ମ ଯାର ଉଚ୍ଛେଦ ସାଧନ ।

ଆସ ବିଶ୍ୱେଦେବା, ଆସ ମହର୍ଷି ନିବହ,
ଆସ କୁରୁକୁଳ ବୃଦ୍ଧ ଭୀଷ୍ମ ପିତାମହ !

ଆସ ବର୍ହିଷଦ ଆଦି ସର୍ବ ପିତୃଗଣ,
ଆସ ସର୍ବ ବସୁ ଯମ ଅନଳ ପବନ,

ଆସ ବନସ୍ପତି ଗିରି ସରିତ ସାଗର,
ଖେଚର ଭୂଚର ଯକ୍ଷ ପିଶାଚ କିନ୍ନର,
ନିଖିଳ ବ୍ରହ୍ମାଣ୍ଡବାସୀ ସର୍ବ ଚରାଚର
ଦେବତା ଅସୁର ନାଗ ରକ୍ଷ ସିଦ୍ଧନର,

ଆସ ମୋର ପିତୃମାତୃ ମାତାମହଗଣ,
ଘେନ ସର୍ବେ ଏଥି ମୋର ଭକ୍ତି ଆବାହନ ।

ଘେନ ମୋର ଜଳାଞ୍ଜଳି, ଘେନ ନମସ୍କାର,
ଦିବ୍ୟ ଅବଧାନେ ସର୍ବେ କର ହେ ବିଚାର ।

ନ୍ୟାୟ ନିର୍ମମ ତୁଲେ ତୁଳି କହ ଫେଡ଼ି,
ଯେ କାରଣେ ଲାଗିଛି ମୋ ହାତେ ଲୁହା ବେଡ଼ି,

ଯେ ବ୍ୟାପାରେ ଭୋଗେ ମୁହିଁ ଆଜି କାରାଗାର,
କହ ତହିଁ ଅପରାଧ ଯଥାର୍ଥ କାହାର ?

ମୁଁ କି ଏକା ? ଶତ ଶତ ଭାରତ-ସନ୍ତାନ
ଭୋଗିଛନ୍ତି ଅକାତରେ କାରା ଅପମାନ ।

ଭୋଗନ୍ତି ଅଦ୍ୟାପି କେତେ ଦାରୁଣ ଯାତନା
ତେଜି ଜୀବନର ସୁଖ ସମ୍ଭୋଗ ବାସନା ।
ଶୋଣିତ-ପିପାସୁ ଘୋର ପାଶବ ସଭ୍ୟତା
ନାଶିବାକୁ ପ୍ରଚାରେ ଯେ ଅହିଂସା ବାରତା,

ଜିଘାଂସା ବିଷାକ୍ତ ନରେ ଶାନ୍ତି ସୁଧା ପଥ
ଦେଖାଇବା ଜୀବନରେ ଯାର ମୁଖ୍ୟ ବ୍ରତ,

ଶମ ଦମ ସତ୍ୟ ଶୁଦ୍ଧ ତ୍ୟାଗପୂତ ପ୍ରାଣ
ମାନବ-ଗୌରବ ଗାନ୍ଧି ଭାରତ-ସନ୍ତାନ,

ଦୀର୍ଘକାଳ ଲାଗି ଏବେ ବନ୍ଦୀ କାରାଗାରେ,
କାହା ଦୋଷ ଏଥି ? କହ ଉଚିତ ବିଚାରେ ।

ରାଜଭକ୍ତ ଭାରତରେ ଚିର ଶାସ୍ତ୍ରବିଧି,
ନୃପତି ଭାରତ-ନେତ୍ରେ ଦେବ ପ୍ରତିନିଧି ।

ଉଠିଛି ଭାରତେ ଯେବେ ଆଜି ଏ ବିଶ୍ୱାସ,
କୋଟି କୋଟି ପ୍ରାଣେ ଦୀର୍ଘ ନିରାଶା ନିଶ୍ୱାସ,

କାହାର ଏ ଅପରାଧ ? କେ ଏଥିରେ ହେତୁ ?
ଭାଙ୍ଗିଛି କେ ଶାସନର ସନାତନ ସେତୁ ?

ଯେ ଅମାତ୍ୟ-ସଂସ୍ଥା ନୀତି ଅନିଷ୍ଟର ମୂଳ,
ଯାହାର ପ୍ରଭାବେ ପ୍ରଜା ବ୍ୟଥିତ ବ୍ୟାକୁଳ,

ରକ୍ତ ମାଂସ ଦେହ ଧରି ଆଉ କେତେ ଦିନ
ଭାରତେ ରହିବ ନର ସେ ନୀତି ଅଧୀନ ?

ଯେ ବିଧାନେ ସର୍ବେସର୍ବା ରାଜପ୍ରେଷ୍ୟଗଣ
ପ୍ରଜାକୁଳ ସହେ ଯହିଁ ନିତ୍ୟ ନିଷ୍ପେଷଣ ।

ଶାସନ ବୋଇଲେ ଯହିଁ କେବଳ ପ୍ରହାର
ପାଳନର ଅର୍ଥେ ପ୍ରଜା ବୁଝେ କରଖର,

ସମ୍ପଦ ଶଠତା ଯହିଁ ପାଏ ସମ୍ବର୍ଦ୍ଧନା,
ଦରିଦ୍ର ନିରୀହ ପ୍ରଜା ଭୋଗେ ନିର୍ଯ୍ୟାତନା,
ମାନବ-କର୍ତ୍ତବ୍ୟ-ଜ୍ଞାନ ଥିବ ଯାର ଲେଶ,
ଅନୁଭବେ ଅନ୍ତରେ ଯେ 'ମୋ ଜାତି ମୋ ଦେଶ',

ଅହିଂସାର ଶାନ୍ତି-ପଥେ ଏଥି ପ୍ରତିବାଦ
କରେ ଯେବେ ସେହି, ତାର କିବା ଅପରାଧ ?

ଏହି ଅପରାଧେ ଗାନ୍ଧି ଏବେ କାରାଗାରେ,
ଏହି ଅପରାଧେ ଦଣ୍ଡ ଘଟିଛି ମୋଠାରେ ।
ଭୋଗୁଛନ୍ତି ଦଣ୍ଡ କେତେ ଗୃହସ୍ଥ ସନ୍ନ୍ୟାସୀ,
ଏଥି କାହା ଦୋଷ କହ ତ୍ରିଲୋକ ନିବାସି ?

ସ୍ୱେଷ୍ୟ ପ୍ରତିଷ୍ଠିତ ହେଲେ ଶାସନପଦ୍ଧତି
ଲଭେ ପ୍ରଜାକୁଳ ନାନା ବିଷମ ଦୁର୍ଗତି,

ପ୍ରଜା ସାଧାରଣ ମତ ଯେବେ ଉପେକ୍ଷିତ,
ଅଶାନ୍ତି-ଅନଳ ହୁଏ ହୃଦୟେ ସଞ୍ଚିତ,

ଦମନ-ପବନେ ଥରେ ଜଳିଲେ ପାବକ
ମାନେନାହିଁ ବେଢ଼ି ଶୂଳ କୃପାଣ ସାୟକ ।

ଛୁଟେ ସେ ଦାବାଗ୍ନି କ୍ରମେ ମହା ରୁଦ୍ରବେଶେ,
ଭୀଷଣ ବିପ୍ଳବ-ବାତ୍ୟା ବହେ ସାରା ଦେଶେ ।

ବରଷେ ଶୋଣିତ ଧାର ଭାସେ ରସାତଳ,
ଅବଶେଷେ ପ୍ରଜା ପଦେ ନମେ ରାଜବଳ ।

ମାନବ-ଜଗତେ ଏହି ଗତି ପୁରାତନ,
ଦିଏ ଇତିହାସ ଯାର ଶତ ନିଦର୍ଶନ ।

ନ ଉଠୁ ଏ ଭାରତେ ସେ ହିଂସାନଳ ଶିଖା,
ନ ଆସୁ ରକ୍ତାକ୍ତ ହତ୍ୟା ଭୀମ-ବିଭୀଷିକା ।

ଅହିଂସାର ଆଦି ସ୍ଥାନ ଏ ଋଷି ଆଶ୍ରମ,
ଶିଖାଉ ଜଗତେ ପୁଣି ଅହିଂସା ନିୟମ ।

ଏଥିଲାଗି ଗାନ୍ଧି କଲେ ଅହିଂସା ପ୍ରଚାର,
ଚଉଦିଗେ ବ୍ୟାପିଲା ସେ ଶୁଭ ସମାଚାର ।

ଅହିଂସାର ମହାମନ୍ତ୍ରେ କୋଟି ନରନାରୀ
ଜାଗିଲେ ଭାରତେ ଗୃହୀ ତ୍ୟାଗୀ ବ୍ରହ୍ମଚାରୀ ।
ପୁର ପଲ୍ଲୀ ଗିରି ବନେ ଉଠେ ଶାନ୍ତି ତାନ,
ନବ ଆଶା ନବୋତ୍ସାହେ ଜାଗେ କୋଟିପ୍ରାଣ

ଅହିଂସା ବ୍ରହ୍ମାସ୍ତ୍ରେ ଯିବ ପ୍ରେଷ୍ୟବଳ ନାଶ,
ମିଳିବ ସ୍ୱରାଜ୍ୟ – ଦୃଢ଼ ହେଲା ଏ ବିଶ୍ୱାସ ।
ଗାନ୍ଧିଙ୍କର ହେଲା ଏହା ମହା ଅପରାଧ,
ଗଣିଲେ ଅମାତ୍ୟଗଣ ଶାସନ ପ୍ରମାଦ ।
ସାନ ବଡ଼ ଆଉ ଯେତେ ଶାନ୍ତି-ସେନାଗଣ,
ଉଡ଼ାଇଲେ ଗ୍ରାମେ ନଗ୍ରେ ଅହିଂସା-କେତନ ।
ଶିଖାଇଲେ ବୁଝାଇଲେ ଲୋକେ ଆତ୍ମବଳ,
ପ୍ରେଷ୍ୟଗଣ ନେତ୍ରେ ହେଲେ ସେ ସକଳେ ଖଳ ।
ସେହି ଫଳ ବୋଲି ମୋର ଏବେ କାରାବାସ,
ଏଥିରେ ମୋର କି ଦୋଷ ? କର ହେ ପ୍ରକାଶ ।

ହେ ଦ୍ୟୁଲୋକବାସୀ ଦେବ ପିତୃ ଋଷିଗଣ,
ସର୍ବ ଭୂତ ଚରାଚର, ଘେନ ମୋ ତର୍ପଣ ।

ଅପରାଧେ କଳୁଷିତ ଯେବେ ମୋ ଅନ୍ତର,
ସଦୟେ ସ୍ମରଇ କହ ମୁଁ ଅତି କାତର ।

ନାହିଁ ଯେବେ ଦୋଷ ମୋର ବହି ତେବେ ତୁଷ୍ଟି
ଏ ତର୍ପଣ କାଳେ ମୋତେ ଦିଅ ଦିବ୍ୟ ଦୃଷ୍ଟି ।

ତୁଟୁ ମୋ ମାନବ ମୋହ, ଘୁଞ୍ଚୁ ମୋ ସଂଶୟ,
ତବ ପୁଣ୍ୟ ଦିବ୍ୟାଲୋକେ ଆଲୋକୁ ହୃଦୟ ।

ଏହି ଯେ ଦେଖେଁ ମୁଁ ସର୍ବେ ଅନ୍ତରୀକ୍ଷେ ଠୁଳ,
ଦିଶନ୍ତି ଉଦ୍‌ବିଗ୍ନ ବ୍ୟସ୍ତ ବ୍ୟଥିତ ବ୍ୟାକୁଳ ।

ଆସ ନାହିଁ କିମ୍ୱା ଏଥି ଆବାହନ ସ୍ଥାନେ,
ଘଟିଛି କି ବ୍ୟତିକ୍ରମ ତର୍ପଣ-ବିଧାନେ ?

କାରାଗାରେ କରିବି ମୁଁ କିବା ଆୟୋଜନ ?
ଆନ୍ତରିକ ଶ୍ରଦ୍ଧା ମୋର କର ହେ ଗ୍ରହଣ ।

ପର ଭୂମେ ପିତୃକାର୍ଯ୍ୟ ନୁହେ ସୁବିହିତ
ଓହ୍ଲାଇବା ପାଇଁ ତେଣୁ ହୁଅ କି ଶଙ୍କିତ ?
ଦେଖି ନିଜ ବଂଶେ ଜାତ ଭାରତ-ନିବାସୀ,
ନିଜ ଦେଶେ ପରଦେଶୀ ସ୍ୱଗୃହେ ପ୍ରବାସୀ ।
ହେ ଭାରତପୂଜ୍ୟ ପୂର୍ବ ପିତୃ ପିତାମହ,
ଦେଖେ ତବ ନେତ୍ରୁ ଅଶ୍ରୁ ବହେ ଅହରହ ।
ପରଶ-ଅଯୋଗ୍ୟ ଜନ ପାଶୁଁ ରହି ଦୂରେ,
ଶୁଦ୍ଧଦେହୀ ନିଏ କିଛି ଯେସନ ଆତୁରେ,

ବଢ଼ାଇ ଅବଜ୍ଞା ସହ କର ସଙ୍କୁଚିତେ,
ଦେଖୁଛ ମୋ ଜଳୋଦକ ନେଉଛ କୁଣ୍ଠିତେ ।

ଅସ୍ପୃଶ୍ୟ ମୁଁ ପରାଧୀନ, ଏ ଦୁଃଖ ଭାବନା
ଦଏ ହୃଦେ ଅନୁକ୍ଷଣ ଅସହ୍ୟ ବେଦନା ।

ତବ ଗଢ଼ା ଦେବାଳୟେ ନୁହେ ଅଧିକାରୀ,
ତବ ପ୍ରତିଷ୍ଠିତ ରାଜ୍ୟେ ମୁଁ ହୀନ ଭିଖାରୀ ।

ତବ ମର ତନୁ ଯହିଁ ମିଶିଛି ମାଟିରେ,
ପଡ଼ିଅଛି ଅସ୍ଥି ତବ ଯେଉଁ ନଦୀନୀରେ ।

ସେ ପୁଣ୍ୟ ଶ୍ମଶାନ ନୁହେ ମୋର ଅଧିକାରେ,
ଅନାଦୃତ ଶ୍ୱାନ ମୁହିଁ ଭାଗୀରଥି ଧାରେ ।

ଜାତିଧର୍ମ ନିର୍ବିଶେଷେ ଭାରତ ତନୟ,
ଭୋଗନ୍ତି ସରବେ ଏହି ଦଶାବିପର୍ଯ୍ୟୟ ।

ପିତୃ ପ୍ରତିଷ୍ଠିତ ରାଜ୍ୟେ ଯେହୁ ପରାଧୀନ,
ଜଗତେ ତା ତହୁଁ ବଳି ନାହିଁ କେହି ହୀନ ।

ପିତୃରାଜ୍ୟେ ନାହିଁ ଯାର ପୂର୍ଣ୍ଣ ଅଧିକାର,
ସେ ଅଧମ ସୁତ ଶିରେ ସହସ୍ର ଧିକ୍କାର ।
ସର୍ବସ୍ୱାନ୍ତ ପରାଧୀନ ହୋଇ ପିତୃଗଣ,
ଅକିଞ୍ଚନ ଭାବେ ଯେବେ ତେଜନ୍ତି ଜୀବନ ।
ସେହି ଏକା ସୁସନ୍ତାନ କୁଳର ଗୌରବ,
ଆଣେ ଯେ ଫେରାଇ ପୁଣି ଅତୀତ ବିଭବ ।
ସେ ଏକା ଦାୟାଦ ନାମ କରଇ ସାର୍ଥକ,
ଯା ଯୋଗେ ତରନ୍ତି ପିତୃ ଦାସତ୍ୱ-ନରକ ।

ଜନନୀ ଜନମଭୂମି ସ୍ୱର୍ଗୁଁ ଗରୀୟସୀ,
ଗାଇଲେ ଯେ ପୁଣ୍ୟ ଶ୍ଳୋକ ସୁକବି ମହର୍ଷି ।

ନ ବୁଝେ ମହତ୍ତ୍ୱ ତାର ତବ କୁଳୋଦ୍ଭବ,
ନ କରେ ସେ ଦେଶ-ପ୍ରେମ ପ୍ରାଣେ ଅନୁଭବ ।

ସେଥିଲାଗି ମନେ ପଡ଼ି କରୁଛି ଶୋଚନା,
ଦେଖି ଏ ପବିତ୍ରଭୂମି ଦୁଃସହ ଲାଞ୍ଛନା !

ଶରଣ୍ୟ ବରେଣ୍ୟ ଦେବର୍ଷି ପିତୃଗଣେ,
ତର୍ପଣ କରେ ଯେ କାରା ଆବଦ୍ଧ ପ୍ରାଙ୍ଗଣେ ।

କଳ୍ପନାର ଦିବ୍ୟ ନେତ୍ରେ ଦେଖେ ଯେ ଆକାଶେ,
ତବ ଶୋକାକୁଳ ଛବି ସୁସ୍ପଷ୍ଟ ପ୍ରକାଶେ ।

କି ଦୁଃଖ ଆବେଗେ ମୋର ବିଦୀର୍ଣ୍ଣ ହୃଦୟ,
ମୁଁ କି ସେ ସ୍ୱାଧୀନ ଆର୍ଯ୍ୟ ମହର୍ଷି-ତନୟ ।

ଯାହାର ସ୍ୱାଧୀନ ଚିନ୍ତା ଦିଗଦିଗନ୍ତରେ
ବିସ୍ତାରିଲା ଜ୍ଞାନାଲୋକ ଧରଣୀ-ପୃଷ୍ଠରେ ?

ଗଙ୍ଗା, ଗୋଦାବରୀ ଆଦି ପବିତ୍ର ସରିତେ
ଏ କାରା ଉଦକେ ଆଣି କଳ୍ପେ ମୁଁ ଯେ ଚିତ୍ତେ,
ଅଛି କି ସେ ନଦୀ ନଦେ ସ୍ୱର୍ଗୀୟ କରଣି
ଅଛି କି ସେଥିରେ ମୋର ସ୍ୱଚ୍ଛନ୍ଦ ସରଣି ?
ବିଶ୍ୱବାସୀ ଚରାଚରେ କରି ଆମନ୍ତ୍ରଣ
ମୁଁ ଯେ ଏଥି କରେ ଜଳ-ଅଞ୍ଜଳି ଅର୍ପଣ ।
ସେ ସାରା ବିଶ୍ୱରେ ମୋର କାହିଁ ଅଛି ସ୍ଥାନ ?
ସର୍ବତ୍ର ମୋ ହିଁ ଭାଗ୍ୟେ ଘୋର ପୀଡ଼ା ଅପମାନ ।

ଏ ଦାରୁଣ ଚିନ୍ତାଗ୍ନି ଦିଏ ଯେ ଯନ୍ତ୍ରଣା,
ତାହା କହେ ସ୍ୱର୍ଗବାସି, ତୁମ୍ଭଙ୍କୁ ଅଜଣା ?

ଜାଣୁଅଛ ଯେବେ ମୋର ଅନ୍ତର କଷଣ,
ଅନୁଗ୍ରହେ କର ତବ ଆଶିଷ ବର୍ଷଣ ।

ତୁମ୍ଭର ସୁକୃତ ବଳେ ଏବେ ତ ଜାଗେ ଆଜ,
ଭାରତ-ସନ୍ତାନ ହୃଦେ ଅଙ୍କୁରେ ସ୍ୱରାଜ୍ୟ ।
ଝରୁ ସ୍ୱର୍ଗରାଜ୍ୟୁ ତବ ପବିତ୍ର ପ୍ରେରଣା,
ଝରୁ ଶୁଭ ଆଶୀର୍ବାଦ ଅମୃତ-ଝରଣା,

ପଡ଼ୁ ଏ ଭାରତ-ପ୍ରାଣେ ସ୍ୱର୍ଗୀୟ କିରଣ,
ନନ୍ଦନକାନନୁ ବହୁ ସ୍ନିଗ୍ଧ ସମୀରଣ,
ସ୍ୱରାଜ୍ୟ-ଅଙ୍କୁର କ୍ରମେ ହେଉ କଳ୍ପତରୁ,
ଭରତ ଅଶାସ୍ଥ ଶାଖା ଫୁଲଫଳ ଧରୁ,

ଭାରତ ପ୍ରଭାବେ ହେଉ ସାର୍ଥ ଋଷିବାଣୀ,
ମଧୁମୟ ଭାବେ ମତ୍ତ ହେଉ ବିଶ୍ୱପ୍ରାଣୀ ।
ସର୍ବ ସିନ୍ଧୁ ସ୍ରୋତେ କ୍ଷରୁ ମଧୁମୟ ନୀର,
ବହୁ ମଧୁମୟ ଗନ୍ଧ ଶୀତଳ ସମୀର,

ମଧୁମୟ ରସେ ପୁଷ୍ଟ ହେଉ ବନସ୍ପତି,
ମଧୁମୟ ରଙ୍ଗେ ଶୋଭୁ ସର୍ବ ବସୁମତୀ ।

ହେଉ ମଧୁମୟ ଉଷା ପ୍ରଦୋଷ ରଜନୀ,
ନଭୋଦେଶେ ମଧୁମୟ ରବି ଦିନମଣି ।

ମଧୁମୟ ଋତେ ହେଉ ବିଶ୍ୱ ନିନାଦିତ,
ଉଠୁ ବିଶ୍ୱପ୍ରାଣେ ମଧୁ ଅମୃତ-ସଙ୍ଗୀତ ।

# ବନ୍ଦୀର ବିରହ-ବ୍ୟଥା

ମଧୁର ବସନ୍ତ ସମୟ ଦିନ ହେଲାଣି ଶେଷ,
ଗ୍ରୀଷ୍ମ ପୂର୍ବେ ଏବେ ତପନ ଯିବେ ପଶ୍ଚିମଦେଶ ।

ବିଦାୟର ତେଣୁ ଲାଗିଛି ଆୟୋଜନ ବିସ୍ତର,
ନାନା ରଙ୍ଗ ଚନ୍ଦ୍ରା-ଆତପେ ଆଚ୍ଛାଦିତ ଅମ୍ବର ।

ଦଳେ ଦଳେ ପକ୍ଷୀ ଗାଆନ୍ତି ଉଚ୍ଚେ କରୁଣ ଗାନ,
ତରୁ ଗିରି ଗ୍ରାମ୍ୟା ବିସ୍ତାରି ପାଦେ କରେ ପ୍ରଣାମ ।

ତାଙ୍କ ଶିରେ ସୂର୍ଯ୍ୟ ଦିଅନ୍ତି ହେମ-ବରଣୀ ପାଟ,
ଅନୁରକ୍ତ ଭୃତ୍ୟ ମସ୍ତକେ ଯଥା ବାନ୍ଧେ ସମ୍ରାଟ ।

ଅସ୍ତାଚଳ ଉଚ୍ଚ ଆସନେ ବସି ହସନ୍ତି ରବି,
ପ୍ରାଚୀ ଅନୁରାଗେ ରଞ୍ଜିତ ଗୁରୁ ବଦନ-ଛବି ।

ପ୍ରାଚୀ ଅଭିମୁଖେ ଲମ୍ବାଇ ସ୍ନିଗ୍ଧ କନକ କର,
କୋମଳ ଆଶ୍ୱାସେ ଦେଖାନ୍ତି ନିଜ ସ୍ନେହ ଆଦର ।

ସମୀରଣ ମୃଦୁ ମର୍ମରେ ପ୍ରେମ ଅସ୍ପଷ୍ଟ ଗିର,
କହନ୍ତି, "ଅଚିରେ ଫେରିବି ଧନ ! ନୁହ କାତର ।"

ଅନୁରାଗ ରଙ୍ଗ ପ୍ରକାଶେ କ୍ଷଣେ ପ୍ରାଚୀ କପୋଳେ,
ତା ମଧ୍ୟରେ କିନ୍ତୁ ବିରହ-ଦୁଃଖ-କାଳିମା ଦୋଳେ ।

ରବି ଲାସ୍ୟହାସେ ପ୍ରକଟେ ଗୁରୁ ବିଷାଦରେଖା,
ଅନୁଭବୀ ନେତ୍ରେ କେବଳ ସିନା ଯାଏ ସେ ଦେଖା ।

ଆହା, ପ୍ରିୟଜନ ବିରହ କି ଦାରୁଣ କଷଣ ?
ପ୍ରୀତିପାଶେ ବନ୍ଧା ଜଗତେ ସର୍ବେ ଜଡ଼ ଚେତନ ।

ଏ ବିରହ ଦୃଶ୍ୟ ହୁଅଇ ବନ୍ଦୀ ପରାଣେ ବ୍ୟଥା,
ପଲକେ ପଲକେ ପଡ଼ଇ ମନେ କେତେ କି କଥା ।

ସନ୍ତ୍ରୀଲ ଟିକିଏ ସିପାହି ଗୃହ ନ ହୁଅ ଦ୍ୱାରେ,
ପ୍ରଣୟ-ଚିତ୍ର ଦେଖିବି କ୍ଷଣେ ରହି ବାହାରେ ।

ପ୍ରଣୟ ପୀୟୂଷେ ମିଶିଛି କମା ବିରହ-ବିଷ,
ବିଶ୍ୱବାସୀ ପ୍ରତି ବିଚନ୍ତ ଏ କି ବିଧି ଆଶିଷ !

ସୁନ୍ଦର ସରୋଜ ଚରଣେ କମା କଣ୍ଟକ ଅଛି,
ବିପରୀତ ସୃଷ୍ଟି-ରହସ୍ୟ କିଏ ପାରିବ କହି ?

ପ୍ରିୟଜନ ପ୍ରିୟସ୍ଥାନ ମୁଁ ଛାଡ଼ି ବନ୍ଦୀ ଏଠାରେ,
ବିରହ ବିଷମ ବିଷେ ମୋ ମନ-ପରାଣ ଘାରେ ।

ବିଶ୍ୱ ପ୍ରକୃତିରେ ଦେଖିଲେ ସମ ହୃଦ-ବେଦନା,
ତାପିତ ଅନ୍ତରେ ଆସିବ ଅବା କ୍ଷଣେ ସାନ୍ତ୍ୱନା ।

ରହି ଆଉ ଦଣ୍ଡେ ସିପାହି କିପାଁ କର କଟାଳ ?
କକ୍ଷେ ଅବରୋଧ ସମୟ ପରା ଗୋଧୂଳି କାଳ !

ଦେଖ ରକ୍ତ ରକ୍ତ ହୁଅଇ ରବି ଏବେ ଗଗନେ,
ଆଉ ଟିକିଏ ମୁଁ ବୁଲିବି ଏଥି କାରା ପ୍ରାଙ୍ଗଣେ ।

ଯମଦୂତ ହୃଦେ କରୁଣା କାହୁଁ ବସିବ ଥିଲେ ?
ଅଧିକ ନ କହି ମର୍ଯ୍ୟାଦା ଜଗି ପଶିବି ବିଲେ ।

# ବନ୍ଦୀର ସାନ୍ଧ୍ୟ ଭକ୍ତି

ସତ୍ୟ ସ୍ୱାଧୀନତା ଲାଗି ଯାର କାରାବାସ,
ତା ଲାଗି ଏ ପୁଣ୍ୟବେଳ କରେଁ ମୁଁ ବିଶ୍ୱାସ ।

ପଶ୍ଚିମ ଭୂଖଣ୍ଡେ ଆଜି ଯବନ ମହର୍ଷି,
ଶାନ୍ତ ଦାନ୍ତ ମହାଯୋଗୀ ଆଦି ତତ୍ତ୍ୱଦର୍ଶୀ,

ଆତ୍ମାର ଅମର ତତ୍ତ୍ୱ ପ୍ରଚାରି ଲୋକରେ,
ସତ୍ୟସନ୍ଧ ସକ୍ରେଟିସ୍ ଯେବେ ଅକାତରେ,

ପାଷାଣ ଶାସନ ଦଣ୍ଡେ ଦେଖାଇଲେ ଶିର,
ମୁଖେ ଯେବେ ବିଷପାତ୍ର ଲଗାଇଲେ ବୀର ।

ଆଥେନ୍ସ ଆକାଶେ ଏବେ ଅସ୍ତମିତ ରବି,
ଦେଖାଇଲା ହାସ୍ୟାଭାସେ ନିରାନନ୍ଦ ଛବି ।

"ବୁଡ଼ିନାହିଁ ଏବେ ସୂର୍ଯ୍ୟ, ଆସିନାହିଁ କାଳ,
ନ ପିଅ ମହର୍ଷି, ଆଉ ମୁହୂର୍ତ୍ତେ ସମ୍ଭାଳ ।

ସବିନୟେ ନିବେଦନ କଲେ ଶିଷ୍ୟଦଳ,
ମମତା ଉପେକ୍ଷି ମୁନି ପିଇଲେ ଗରଳ ।

ଗଲା ସେ ଅମର ଆତ୍ମା ଛାଡ଼ି ମର କାୟା,
ଆଚ୍ଛାଦିଲା ଚଉଦିଗେ ବିଷାଦର ଛାୟା ।

ଜାଣି ନ ଥିଲା ଯେ ହୃଦ ଭୟେ ପଳାୟନ,
ମରଣେ ସେ ଦେଖୁଥିଲା ଅମର-ଜୀବନ,

ଚାଲିଗଲା ସ୍ୱର୍ଗ ସେହୁଁ ତେଜି ମର୍ତ୍ତ୍ୟବାସ,
ବୀର-ଗୁଣ-ଗାଥା ଏବେ ଗାଏ ଇତିହାସ ।

ଦେଖିଛ ତ ସେ ଘଟନା ଆର ଜନନାଥ,
ସତ୍ୟ ସ୍ୱାଧୀନତା ପ୍ରତି ଶାସନ-ବତ୍ପାତ ।

ଶାନ୍ତି ସୁଶାସନ ନାମେ ପଶୁ ଅତ୍ୟାଚାର,
ସତ୍ୟ ସ୍ୱାଧୀନତା ଶିରେ ଉତ୍କଟ ପ୍ରହାର ।

କେତେ କାରାଗାରେ କେତେ ଘୋର ନର୍ଯ୍ୟାତନ,
କେତେ ସାଧୁହତ୍ୟା କେତେ ଆର ନିଷ୍ପେଷଣ ।

କ୍ରୂର କଦର୍ଥନେ କେତେ ହୃଦ ଖଣ୍ଡ ଖଣ୍ଡ,
କେତେ ଦେବଦୂତେ ବୃଥା ଅମାନୁଷ ଦଣ୍ଡ,

—ମାନବ ସଭ୍ୟତା ମୁଖେ କଳଙ୍କ-କାଳିମା—
ଦେଖିଛ ସବିତା, ତାର ନାହିଁ ପରିସୀମା ।

କହ ଦେବ ହେଲା କିବା ପରିଣାମ ତାର,
ଜଗତରେ କାହା କାର୍ଯ୍ୟ ଲଭିଲା ପ୍ରସାର ?

ଉଡ଼ିଅଛି ଅବଶେଷେ ସତ୍ୟର ନିଶାଣ,
ବାଜିଅଛି ସ୍ୱାଧୀନତା ବିଜୟ-ବିଷାଣ ।

ହୋଇଅଛି ରାଜଶକ୍ତି ଲୀନ କାଳଗ୍ରାସେ,
ପାଇଅଛି ଅପଯଶ ଲିଖି ଇତିହାସେ ।

ଏ ସକଳ ଗ୍ରହରାଜ କରିଛ ସାକ୍ଷାତ,
ଘେନ ଦେବ ମୋର ସାନ୍ଧ୍ୟ ଭକ୍ତି ପ୍ରଣିପାତ ।

ବିଜନ ପ୍ରକୋଷ୍ଠ ଏବେ କରିବି ଆଶ୍ରୟ,
ସ୍ମୃତିରେ ସେବିବି ତହିଁ ବସନ୍ତ-ମଳୟ ।

# ବନ୍ଦୀର ସ୍ୱଦେଶ-ଚିନ୍ତା

ବାହାରେ ବହଇ          କେଡ଼େ ସୁଶୀତଳ
    ମଧୁର ମଳୟ ମୃଦୁ ମରୁତ,
ନବ ମଲ୍ଲୀକଳୀ          ମୃଡୁକି ହସଇ
    ଭ୍ରମର ଦୋଳାଏ ପ୍ରେମେ ତା ବୃନ୍ତ ।

କବାଟ ଫାଙ୍କରେ          ଗୃହଁଲେ ବାଙ୍କରେ
    ଥରେ ଥରେ ଆସେ ସ୍ୱୈର ପବନ,
ସେ କି ଗୁପ୍ତଚର,          ବାହାର ଖବର
    ଦେଇ ଲୁଚି ଚାଲିଯାଏ ବହନ ।

ସେ ସ୍ନିଗ୍ଧ ପରଶେ          ନିମିଷ ସଂଶ୍ଳେଷେ
    ତାପିତ ପ୍ରାଣ ମୋ ପୂରେ ପୁଲକେ,
କେତେ ସୁଖ-ସ୍ମୃତି          ଜାଗେ ଏ ଅନ୍ତରେ
    କେତେ ସ୍ୱରୁଚନ୍ଦ ନାଚେ ପଲକେ ।

ମନେ ଏବେ ଆସେ          ତରୁଣ ବୟସେ
    ବୁଲିଥିଲି ଯେବେ ଭାର୍ଗବୀ-ତୀରେ,
ପୁନାଙ୍ଗ, ବକୁଳ-          ସୌରଭ-ସଂକୁଳ-
    ସୁବାସ-ଶୀତଳ-ସନ୍ତ-ସମୀରେ ।

କ୍ଷୀଣଜୋତ୍ସ୍ନା ମାରେ          ଖେଳେ ଧୀରେ ଧୀରେ
    ସୁମଞ୍ଜୁଳା ଲଘୁ ଲହରୀମାଳା,
ଦକ୍ଷିଣ ଦିଗକୁ          କୁଞ୍ଚିତ କୁନ୍ତଳ
    ମେଲାଇ ଦେଇଛୁ କି ପଲ୍ଲିବାଳା !

ଗ୍ରାମ-ସୀମନ୍ତିନୀ ଚହଲର ପାଣି
କଳସରେ ଯେବେ ନଅନ୍ତି ଭରି,
ନୀଳମଣି ଦାମ ପ୍ରାଏ ସେ ଲହରୀ
ଖଣ୍ଡଦୂର କ୍ଷଣେ ଯାଏ ପ୍ରସରି ।

ଗାଈଆଳ ପିଲା ଗୋଠୁଁ ବାହୁଡ଼ାଇ
ଆଣୁଥାଏ ଗାଈ ବେଣୁ ବଜାଇ,
ହାଟ କାମ ସାରି ଫେରନ୍ତି ବେପାରୀ
ଭଙ୍ଗି ଚଉପଦୀ ପଦ ପକାଇ ।

ଯାଗେଶ୍ୱରୀ ପାଶେ ଦୀପ ଦେଇ ବାସେ
ଆସନ୍ତି କୌତୁକେ କୁମାରୀକୁଳ,
କିଏ କରେ କଳି ଆନ ସଙ୍ଗେ ମେଳି
କିଏ ବା ଗୋଟାଏ ବଉଳଫୁଲ ।

ଯାଉଁଳି କାନ୍ଦରେ କେବେ ବା ବନ୍ଧରେ
ଭଉଣୀ ଆଗରେ ଘୂଲଇ ଖାଇ;
ଶାଶୁଘରେ ନଏ ସନ୍ଧ୍ୟା ଦେଖି କନ୍ୟେ
ଘୁଣ୍ଟେ ଗୋଡ଼ କାଢ଼ି ଘୁଲିବା ପାଇଁ ।

ନବ ଯଉବନୀ କାଖେ ପିଲା ଘେନି
ଘୁଲି ନ ପାରଇ ଜଘନଭରେ,
ତା ଘୁହୁଁ ଚପଳ ଯୁବା ସଙ୍ଗୀଦଳ
ପରିହାସେ ଏକ ଆନକୁ ଠାରେ ।

କେତେ ଆଉ ଉଭି ଆସନ୍ତି ବାହୁଡ଼ି
ଝୁଲନ୍ତି ସୁନାଙ୍ଗ-ଫଳିତ-ଶାଖେ,

ନଦୀ ତଟେ ତଟେ ପାଦପ ପ୍ରକମ୍ପେ
ଚଲାପାଙ୍ଗୀ ଗୃହେଁ ରମନ୍ତି ପାଖେ ।

କାନ୍ଧୁ ନଦୀଜଳେ ମିଳି ଟୋକାଦଳେ
ଗୋଲନ୍ତି ଗୋବର ଦେଖାନ୍ତି ଫୁଲା,
ମାଛ ଧରିବାର କରନ୍ତି କସୁର
ଦେଇ କାନଖିଅ ବାଲି ଘୁମୁର ।

ଖାର ଘରକଡେ ଆଉ ପିଲା କେତେ
ଖେଳୁଥାନ୍ତି ଉଚ୍ଚେ ଟେକଣ ଗାହା,
ଗୁଡ଼ିଆଦାଣ୍ଡି ରେ କେ କାହାକୁ ମାରେ
କଏ ହସି ପୁଣି ଦେଖାଏ ବାହା ।

ହଳ ଲେଉଟାଇ ଆସୁଥାଏ ଭୋଇ
ମୁଣ୍ଡେ ଘାସଗୋଛ୍ଛ ହାତେ ପାଞ୍ଚଣ,
ବଳଦ ଉଡ଼ାଇ ଧାଏ କେବେ ଗାଇ
"କପାଁ ଲୁଚିଗଲୁ ରୁ ଲଇଷଣ ?"

ବାଟୋଇ ଭିଖାରୀ ବନ୍ଦରୁ ଉରୁଙ୍କ
ଆଶ୍ରୟ ଆଶାରେ ଗ୍ରାମରେ ପଶେ,
ହୁଏ ଯହୁଁ ଗୀତ ଉଚ୍ଚେ ଭାଗବତ
ଶୁଣିବାକୁ ତହୁଁ ପିଣ୍ଡାରେ ବସେ ।

ପଡ଼ିଯାଏ ଏବେ ଘରକଥା ମନେ
ଅତିଥି ଆଦର ଦେବ ଅର୍ଚ୍ଚନା,
କାରାଗାର କଷ୍ଟେ କପାଁଇ ଏ ବକ୍ଷେ
ଆଣିବ ଆଉ ସେ ବୃଥା ଭାବନା ।

ହେ ବସନ୍ତବାତ ମୋ ଦ୍ୱାରେ ଆଘାତ
କର ଭଲ ଆହ୍ଲ ଅରେ ସଦସ୍ୟେ,
ଦକ୍ଷିଣ ଦ୍ୱଗର କହ ସମାଗ୍ଭର
ସିଞ୍ଚ ଶାନ୍ତ-ସୁଧା ଷଣେ ହୃଦୟେ ।

ମୋର ପ୍ରିୟସ୍ଥଳୀ କେତେ ନିଉଜ୍ଜ୍ୱଳ
କରଥିବେ ତବ ଆସିବା ବାଟେ,
ଦେଇଥିବେ ପତ୍ର କେତେ କ ବାରତା
ଶୁଣାଅ ମନ ମୋ ଅଛି ଉଚ୍ଛାଟେ ।

କରିଥିବ ଭେଟ ମଞ୍ଜୁଷା-ମୁକୁଟ
ମହେନ୍ଦ୍ର ଶଇଳ ସୁବାସ ଫୁଲ,
ତବ ସମାଗମେ ନାଚିଥିବ ପ୍ରେମେ
ଦୋହଲାଇ ତରୁ ଭୁଜସଂକୁଳ ।

ରସନା, ନୟନ ନାସା ରସାୟନ
ସ୍ୱାଦ ଶୋଭା ଗନ୍ଧଭରା ଆଧାର,
ଗଞ୍ଜାମ-ମଣ୍ଡନ ସୁରମ୍ୟ 'ଉଦ୍ୟାନ'
ଦେଇଥିବ କେତେ କ ଉପହାର !

ଆମ୍ବ ରମ୍ଭା ବେଲ ଲେମ୍ବୁ ନାରିକେଳ
ପଣସ ସପୁରି ଖଜୁରି ତାଳ,
ଭଦ୍ର ରକ୍ଷା ପାଇଁ 'ଆସିଥିବ ଘୁରି
'ଉଦ୍ୟାନ'ର ନାନା ଫଳ ରସାଳ ।

କୁଶୋଦରୀ ଋଷି— କୁଲ୍ୟାକୁ ପରଶି
ଆସିଥିବ ଯେବେ ହେ ପବମାନ !

ତୀରବାସୀଙ୍କର ସ୍ୱରିଣୀ ମଧୁର
ଶୁଣିଥିବ ରମ୍ୟ ଲଳିତ ଗାନ ।

ଆଲିଙ୍ଗନ ଆଶେ ତବ ପଥପଶେ
ଚିଲିକା ଆବେଗେ ଥିବ ଅନାଇଁ,
ମୁକ୍ତ ନୀଳ କେଶୀ ଶ୍ୟାମଶୋଭାରାଶି-
ଗିରି-ଶିରସ୍ଥିତ ବକ୍ଷ ମେଲାଇ ।

ଚଞ୍ଚଳ ହିଲ୍ଲୋଳେ ସ୍ୱରୁ ଗଣ୍ଡସ୍ଥଳେ
ଚୁମ୍ବିଥିବ ଯେବେ ଗଢ଼େ ସମୀର,
ସୁନ୍ଦରୀ ସର୍ବାଙ୍ଗେ ଉଠିଥିବ ରଙ୍ଗେ
ଅପୂର୍ବ ଉଲ୍ଲାସ କମ୍ପାଇ ନୀର ।

ପୁଲିନ କାନନେ ସ୍ନିଗ୍ଧ ସନସନେ
ଖେଳିଯାଇଥିବ ପ୍ରେମ-ଲହରୀ,
ଦୁଲିଯାଇଥିବ କେତେ କେତେ ନାବ
ଦେଖୁଥିବ ଖଣ୍ଡଦୂରେ ସୋଲରୀ ।

ମାଛରଙ୍କା ହଂସ ଗଣ୍ଡାଳ ସାରସ
ନାନା ଜାତି ଖଗ-ଖଚିତ ମାଳି,
ଚିଲ୍‌କା-ବକ୍ଷରେ ଦୋଳିଥିବ ଯଥା
ନୀଳମେଘେ ଧାଡ଼ି ଧାଡ଼ି ବକାଳି ।

ଫେଣ୍ଡି ମୀନ ନେତ୍ର ଓଲଟାଇ ଗାଙ୍ଗ
ସ୍ପର୍ଦ୍ଧିଲୁ ବେଳକୁ ଚିଲିକା ପୁଣ,
ଦେଲ ପ୍ରତିଘାତେ ସରମେ ଲୁଚନ୍ତେ
ଫୁଲିଲ ବଢ଼ାଇ ଗଢ ଦ୍ୱିଗୁଣ ।

ଆସିଥିବ ହଜି ତୁମେ ପଥ ହୁଡ଼ି
ସିନ୍ଧୁ ସଇକତେ ଶ୍ରୀକ୍ଷେତ୍ରଧାମ,
ପୁଣ୍ୟ ନୀଳାଚଳେ ମହୋଦଧି ଜଳେ
ସ୍ନାନେ ହୋଇଥିବ ଶୁଚି ଆଗମ।

ସଂଚରି ସ୍ୱଚ୍ଛନ୍ଦେ ଭୃଙ୍ଗ ବାଲିକୁଦେ
ଡାଳ ଲଙ୍କା ଆମ୍ବ ଭୁସ୍ମା ପତ୍ରାରେ,
ନୀଳାଚଳପତି ପଦ୍ମରେ ପ୍ରଣତି
କରିଥିବ ପଶି ଦକ୍ଷିଣଦ୍ୱାରେ।

ଶ୍ରୀପଦ ତୁଳସୀ ଶିରରେ ଧରିଣି
ଲଭିଥିବ ମହାମୋଦ ଅନ୍ତରେ,
ନୀଳ ରତ୍ନଚୂଳେ ପ୍ରେମ-ଭକ୍ତିଭୋଳେ
ଦେଇଥିବ ନେତ୍ର ଉଡ଼ାଇ ଥରେ।

ପୁଣ୍ୟ ଗନ୍ଧବହ କର ଅନୁଗ୍ରହ
କହ ପ୍ରିୟ ପୁରୀ ସୁସମାଚାର,
କନ୍ଦର-ନିବାସୀ ପ୍ରଭୁ ବ୍ରହ୍ମରାଶି
କରୁଛନ୍ତି ଏବେ କେଉଁ ବିଚାର ?

ଗମ୍ଭୀରାରୁ କିବା ଶ୍ରୀମୁଖ ଆଦେଶ
ପଠାଇଅଛନ୍ତି ଦେବ ମୋ ପାଇଁ,
କହ ବେଗେ ବାୟୁ କ୍ଷୀଣ ହୁଏ ଆୟୁ
ରହିଥିବ କେତେ କାଳ ଅନାଇଁ ?

ନୀଳାଚଳବାସୀ ମୋତେ କି ଆଶ୍ୱାସି
କହୁଛନ୍ତି କିଛି ଶୁଭ ବାରତା,

ସାଧାରଣ ସନ୍ତ ସେବକ ମହନ୍ତ
ଏକାନ୍ତ କି କେବେ ସ୍ୱରାଜ୍ୟ କଥା ?

ଦ୍ୱାର ଦରଶନ କ୍ଷେତ୍ର ପ୍ରଦକ୍ଷିଣ
କରିଥିବ ପୁଣି ଉତ୍ତର-ଗତ,
ଅଟକାଇଥିବେ ପଥରେ ଟିକଏ
ସୁଶୋଭାସ୍ପଦ-କୁଞ୍ଜେ ତରୁବ୍ରତତୀ ।

ସୁମଧୁର ତାନେ ତବ ଆବାହନେ
ଗାଇଥିବ ପିକ ସ୍ୱାଗତ ଗୀତ
ବକୁଳ ତମାଳ ଦେଇଥିବେ ତାଳ
ଫୁଲ୍ଲ ଉଠିଥିବ ପରମ ପ୍ରୀତ ।

ଦେଉଳେ ପ୍ରବେଶି ଗୋପୀନାଥ ବଂଶୀ-
ରନ୍ଧ୍ରେ ରଚିଥିବ ଅସ୍ଫୁଟ ସ୍ୱନ,
ରାଧିକା ଅଞ୍ଚଳ ଉଡ଼ାଇ ଚଞ୍ଚଳ
କରିଥିବ ଜାଣି ବେନିଙ୍କ ମନ ।

ହସି ଉଠିଥିବେ ଯୁଗଳ ମୂରତି
ଖସି ପଡ଼ିଥିବ ଶ୍ରୀଅଙ୍ଗୁ ଫୁଲ,
ନବଘନ ଶିରେ ଆହା କି ସୁଚିରେ
ହଲୁଥିବ ତାଙ୍କ ମୟୂରଚୂଳ ।

ବଉଳ ସେବତୀ ମରୁଆ ମାଲତୀ
ଚମ୍ପା ନାଗେଶ୍ୱର ଯାଇ ଦଅଣା,
ଚହଟାଇ ବାସ ତବ ଚଉପାଶ
କରିଥିବେ ଗନ୍ଧବ୍ୟୂହ ରଚନା ।

ବରଜ-ବିହାରୀ ଗୋପୀ-ମନୋହାରୀ
ଗୁପତେ କରନ୍ତି ଯହିଁ ବିହାର,
କି ଉପମା ତାରେ ସେହି ସୁଷମାରେ
ସେହି ସ୍ଥାନ ପଟାନ୍ତର ତାହାର ।

ବସନ୍ତ-ମାଧୁରୀ କୁଞ୍ଜେ କୁଞ୍ଜେ ପୂରି
ପଡ଼ୁଥିବ ଯହିଁ ଉଚ୍ଛୁଳି ସତେ,
ଦେବଦାରୁ ଧାମ ମୋ ପ୍ରିୟ ଆଶ୍ରମ
ପଡ଼ୁଛି କି ତବ ନୟନ-ପଥେ ?

ମୋ ସଖା ସୋଦର ପ୍ରିୟ ପରିକର
ଅନ୍ତେବାସୀ ବନ୍ଧୁ ପଡ଼ୋଶୀଗଣ,
ଛନ୍ତି ତ କୁଶଳେ ବିରହ ବିକଳେ
ବିବର୍ଣ ବିଷର୍ଣ୍ଣ ନୁହେଁ ବଦନ ?

ସତ୍ୟବାଦୀ-କୁଞ୍ଜ- ଛୁରିଅନା-ପୁଞ୍ଜ
ଜାଣିଥିଲେ ଏଥି ତବ ସଂସ୍ପୃର,
ଅବଶ୍ୟ ମୋ ପାଇଁ ଥିବେ ପଠିଆଇ
ମୃଦୁ ମଧୁମୟ ଗନ୍ଧ ସମ୍ଭାର ।

ଗନ୍ଧବହରେ ଭରି ଅସିଥିବ ପରି
ଧୀରେ ଧୀରେ ସିଧା ଉତ୍ତର ଦିକେ,
ଲଙ୍ଘି ବିଲ ଗ୍ରାମ କଲି କି ବିଶ୍ରାମ
ଲିଙ୍ଗରାଜ ଦେବ ଦେଉଳ ଶିଖେ!

ସର୍ବଗ୍ରାସୀ କାଳ ପ୍ରାଚୀନ ଉତ୍କଳ
କଳା-କଉଶଳ କରେ ଗରାସ,

ବୈଭବ କଙ୍କାଳ ବିଲୋକ ଅନଳ
ପାଇଥିବ ପ୍ରାଣେ ଗମ୍ଭୀର ତ୍ରାସ ।

କେତେ ଚମତ୍କାର ମନୋଜ୍ଞ-ମନ୍ଦିର
ମିଶିଛି ମାଟିରେ, ପଡ଼ିଛି ପଦା,
ଖଣ୍ଡ ଖଣ୍ଡ ଶିଳା ଖସି କାହା ଦେହୁଁ
ଢଳିହୋଇଅଛି ପଥରଗଦା ।

ଶିଳ୍ପ ସିଦ୍ଧି ସୀମା ପାଷାଣ ପ୍ରତିମା
ଭାଙ୍ଗିଅଛି ମୁଖ, ତୁଟିଛି କର,
ପଡ଼ିଅଛି ବାଟେ କିବା ବଣ ପାଟେ
ଢୋଇଅଛି କାହିଁ ଭୂତ-ପଥର ।

ସ୍ଥଳ ମୁନେ ଯେତେ ବାହ୍ୟାରଣ୍ୟ କେତେ
ଖୋଦିତ ଅଖଣ୍ଡ ଅପୂର୍ବ ମୂର୍ତ୍ତି,
ତୁଟି ନାହିଁ ତଳେ ଲାବଣ୍ୟ ସୁଷମା
ପ୍ରକାଶେ ସର୍ବାଙ୍ଗେ ଜୀବନ୍ତ ସ୍ଫୂର୍ତ୍ତି ।

ଲୁଚେ ଦକ୍ଷ ଶିଳ୍ପୀ ମନେ କି ବିକଳ୍ପି
ସଦ୍ୟ ଗଢ଼ି ରଖି ଗଲା ଗୋପନେ,
କି ଅବା ମେନକା ଭୁଲିଗଲା ଏକା
ଶିଶୁ ଶକୁନ୍ତଳା ଫିଙ୍ଗି ବିଜନେ ।

ନୃପତି ନଗର- ପତନ ପ୍ରାଚୀର
ସଂଗ୍ରହ ଦେଖାଏ ମୃତ୍ତିକାସ୍ତୂପ,
ଲତା ଗୁଳ୍ମରାଶି ଗଲାଣି ଗରାସି
କେତେ ସୁଗଠିତ ଉଦ୍ୟାନ କୂପ ।

ଶଙ୍ଖ ଗୁମ୍ଫି ବ୍ୟଙ୍ଗ କେତେ ଶିବଲିଙ୍ଗ
ପଡ଼ିଛନ୍ତି କାହିଁ ତା ଘରଗୁଡ଼ୁ ?
ରହିଛି କେବଳ ଐଶ୍ୱର୍ଯ୍ୟର ଛାୟା
କି ବିଭବ ଆହା କି ବିପର୍ଯ୍ୟୟ !

ବିଧ୍ୱସ୍ତ ଐଶ୍ୱର୍ଯ୍ୟ ମଧ୍ୟେ ଧରି ଧୈର୍ଯ୍ୟ
ଉଭା ଲିଙ୍ଗରାଜ ତୁଙ୍ଗ ମନ୍ଦିର,
ମହା ଶମଶାନେ ଯଥା 'ଶାନ୍ତାସନେ
ଯୋଗାରୂଢ଼ କଳ୍ପଯୋଗୀ ଶରୀର ।

ଶୈବାଳ ଆବୃତ ବିବର୍ଣ୍ଣ ବିକୃତ
ଦିଶଇ ବିରାଟ ଉନ୍ନତ କାୟା,
ଗମ୍ଭୀର ଉଦାସେ ଘୁଞ୍ଚେଁ ଚଉପାଶେ
ଭୁଟାଇଛି କି ସେ ଏ ଭବମାୟା ?

ସେ ସ୍ଥିରୁ ଉଦାର ପୁରାଣ ସ୍ଥବିର
ସଦାଶିବ କଳ୍ପ ଶିବ ମନ୍ଦିର,
ବିପୁଳ ଆକୃତି ବିଲୋକି ପ୍ରଣତି
କରିଥିବ ପୂଜା ପାଦେ ସମୀର ।

ବେଶୀ ବେଳ ତହୁଁ ନ ଥିବ ତ ରହୁ
କିଏ ସେ ରହିବ ହୃଦୟୁ ବନ୍ଧୁ ?
ସେ ଦଶାଦମନୁ ଭଗ୍ନ ଦୁର୍ଗ୍ୟତନୁ
ଦେଖି କାହା ଗୁଣ୍ଡ ପାରିବ ସହି !

ଶମ୍ଭୁ ସୁକଲ୍ୟାଣ ଯେବେ ସମୀରଣ
ବହୁଥିବ ପୁଣି ଗନ୍ଧ ଉଈରେ,

ରୂପହସ୍ତ ଯାଇ- ଥିବ ବା ନ ଥିବ
ଭେଟିଥିବ ଖଣ୍ଡଗିରି ପଥରେ ।

ଦେଖିନାହୁଁ କେତେ ଦଳୁଁ ଖଣ୍ଡଗିରି
ଇତିହାସ ଯାର ଅଙ୍କେ ଅଙ୍କିତ,
ଅମର ଅକ୍ଷରେ ନୀରବ ଗମ୍ଭୀରେ
ଗାଏ ଯେ ଉତ୍କଳ-ଗୌରବ ଗୀତ ।

ପଡ଼େ ଏବେ ମନେ ପ୍ରଥମ ଯୌବନେ
ସୁଷମା-ପିପାସା ଭାବ ଉନ୍ମାଦେ,
ଖଣ୍ଡଗିରି ଶିରୀ ଦେଖି ନେତ୍ର ଭରି
ଚିନ୍ତା ନିମଗନେ ବସିଲି ପାଦେ ।

କଳ୍ପନାର ସୋତେ କାଳ ପ୍ରତିସ୍ରୋତେ
ଭାସି ଦେଖିଲି ମୁଁ ଉତ୍କଳ ଛବି,
ଇତିହାସ ଯାର ନ କରେ ପ୍ରଚାର
ଚିନ୍ତା ନାହାନ୍ତି ଯା କାବ୍ୟରେ କବି ।

କାଳର ପ୍ରଭାବେ ଜନଶ୍ରୁତି ପଛୁଁ
ଛୁପରେଖ ଯାର ଲଭିଛୁ ଆଜି,
କଳିଙ୍ଗର ସେହି ଅତୀତ ବିଭବ
ବୀର ଖାରବେଳ କୀରତି ସଜ ।

ବାଜେ ସମରବାଜା କାହୁଁ ରଣସଜ୍ଜା
କାହୁଁ ବା ଲାଗିଛି ଗୁପ୍ତ ମନ୍ତ୍ରଣା,
ଦୂରଦେଶୁ ଦୂତ ବିଜୟ-ବାରତା
ଘେନିଆସି କରେ ଗୁମ୍ଫରେ ଜଣା ।

ଶ୍ରମଣ ସନ୍ନ୍ୟାସୀ    ଦଳେ ଦଳେ ବସି
ଚାଲିଅଛି କାହିଁ ତତ୍ତ୍ୱ ବିଚାର,
ଗମ୍ଭୀର ନିର୍ଘୋଷେ    ଲୋକ ଉପଦେଶେ
କାହିଁ ବା ଅହିଂସା-ଧର୍ମ ପ୍ରଚାର ।

ଖଣ୍ଡଗିରି ଅଙ୍ଗେ    ଶିଳ୍ପୀ ଶତ ଶତ
ଖୋଳନ୍ତି ଅଦ୍ଭୁତ ଗୁମ୍ଫା ନିରତେ,
କାହିଁ ଗୁପ୍ତଚର    ରାଜ୍ୟ ସମାଚାର
ଏକାନ୍ତେ ଜଣାଏ ନୃପ ପୁରତେ ।

କଳ୍ପନାର ନେତ୍ରେ    ଏରୂପେ କେତେ
ଦିଶେ ଚିତ୍ର ଖଣ୍ଡଗିରି ଶରୀରେ,
ବିନଷ୍ଟ ସର୍ବସ୍ୱ    ବୃଦ୍ଧ ଖଣ୍ଡଗିରି
ବିରକ୍ତ ପରାଏ ଋଷି ଗମ୍ଭୀରେ ।

ମହାକାଳ ନୀରେ    ବୁଦ୍‌ ବୁଦ ପରାଏ
ଯାଇଅଛି ମିଶି କଳିଙ୍ଗ ଭୂତି,
କଳିଙ୍ଗ-ସନ୍ତାନ    ଭୁଲିଛନ୍ତି ଏବେ
କଳିଙ୍ଗର ନାମ ଗୌରବ-ସ୍ମୃତି ।

ତଥାପି ସେ ଗାଥା    ରଖିଅଛି ଗିରି
କାଳ ପରାଭବେ ଦେଖାଇ ହିଆ,
ଅତି ଛାରଖାର    ଶ୍ରେଣୀ ଧ୍ୱଂସସ୍ତୂପ
ସାକ୍ଷ୍ୟ ଦେବାଲାଗି ଅଦ୍ୟାପି ଠିଆ ।

ଭଗ୍ନ ମୂଳ ଯାଏ    ଶୋଭେ ଶିଳା କାର୍ଯ୍ୟେ
ପ୍ରାସାଦ ପ୍ରାଙ୍ଗଣ ଗୁମ୍ଫା ଦେଉଳ,

ତରୁଲତା ଦଳ    ରୋଧୁଛନ୍ତି ପଥ
ନିବସନ୍ତି ଯହିଁ ଶ୍ୱାପଦକୁଳ ।

ଯଦପ୍ରାନ୍ତବାସୀ    ସାଧୁ ଧର୍ମବେଶୀ
କହନ୍ତି ଅଦ୍ଭୁତ ବହୁ କାହାଣୀ,
ଦେଖାନ୍ତି ଶ୍ରୋତାଙ୍କୁ    ପ୍ରତ୍ୟକ୍ଷ ପ୍ରମାଣ
କେତେ ଖଣ୍ଡିସ୍ତମ୍ଭ କଠାଉ ଆଣି ।

ତାପସ ସାଧକ    ଅଦ୍ୟାପି ଅନେକ
ନିବିଡ଼ ଅନ୍ଧାର ଗୁହା ଗରଭେ,
ଲୁଚି ରହିଛନ୍ତି    ଗଭୀର ନିଶୀଥେ
ଶୁଣାଯାଏ ତାଙ୍କ ସଙ୍ଗୀତ ନଭେ ।

ଶୁଣିଛୁ ମୁଁ ନିଜେ    କହନ୍ତି ସେ ତେବେ
ପଥିକ ବଦନେ ଦେଖି ସଂଶୟ,
ନୁହେ ତା ବିଚିତ୍ର    ବାହ୍ୟ ବିଶେଷ ମାତ୍ର
ପ୍ରତିଫଳେ ନର ନିଜ ହୃଦୟ ।

ଅତିଥି ଆଦରେ    ଅତି ଆଗ୍ରହରେ
କରିଥିବ ଖଣ୍ଡଗିରି ବନ୍ଦନ,
ବନ ଉପତ୍ୟକା    ଗୁହା ଗର୍ଭେ ଏକା
ସ୍ୱଚ୍ଛନ୍ଦେ ସଞ୍ଚରିଥିବ ପବନ ।

ତବ ଆଗମନ    ସନସନ ସ୍ୱନ
ଶୁଣି ଗିରି-ଗୁମ୍ଫା ଦରି-କନ୍ଦର,
ଗାଇଥିବେ ଗୀତ    ଗୌରବ-ସଙ୍ଗୀତ
ତୁମ ସ୍ୱର ସଙ୍ଗେ ମିଳାଇ ସ୍ୱର ।

ପଙ୍କ ସୁଖସ୍ମୃତି                    ଦୁଃଖେ ମନେ ଆସେ
ବଢ଼ାଏ ବିଷାଦ ଦ୍ୱିଗୁଣ ପ୍ରାଣେ,
ତଥାପି ଉଷତ                    ବିଷାଦ ସଙ୍ଗୀତ
ସନ୍ତାପେ ସନ୍ତତ ସାନ୍ତ୍ୱନା ଆଣେ ।

କହ ସମୀରଣ                    କଲୁ କି ଦର୍ଶନ
ଶୁଭ ସାଧୁ ଆତ୍ମା ଗୁପ୍ତ ସଞ୍ଚାର,
ଖଣ୍ଡଗିରି ମୂଳେ                    ବହୁଇ ନଗ୍ରେଲେ
ଯା ଅମର ସୁଧା ସଙ୍ଗୀତ ଧାର ।

ଏ ମୋ-କାରାଦ୍ୱାରେ                    ଲଙ୍ଘିଯାଅ ବାରେ
ସେ ଦୂର ସଙ୍ଗୀତ ଶୁଭୁ ମୋ କାନେ,
କମ୍ପିଉଠୁ ମୋର                    ହୃଦ-ବୀଣା ତାର
ମୋ ଅନ୍ତର ଧ୍ୱନି ମିଶୁ ସେ ତାନେ ।

କି ଦେଖିଲ ଆଜି                    ହେ ବସନ୍ତବାୟୁ
କହ ବେଗେ କରନାହିଁ ଛଳନା,
ତୁମ୍ଭେ କି ନ ଜାଣ                    ନିର୍ବାସିତ ପ୍ରାଣ
ସ୍ୱଦେଶ ସନ୍ଦେଶେ ପାଏ ସାନ୍ତ୍ୱନା ।

ଖଣ୍ଡଗିରି ପରେ                    ଉନ୍ମୁକ୍ତ ଅମ୍ବରେ
କରିଥିବ ନବଗଣ୍ଡ ରଚନା,
ବାଟରେ ଅଟକ                    କଲୁ କି କଟକ
ମହାନଦୀ ନୀଳ ନୀର-ବସନା ।

ଉଦ୍‌ବେଗ ବାହାନା                    କରିଥିବ ସିନା
ତପେନ୍ଥି ନ ଥିବ ତା ସମାଦର,

ସେ ଯେତେ କର୍ମଠ          କରେ ଷଣେ ମଠ
ପ୍ରେମ ପାଶୁଁ ହେବା ବେଳେ ଅନ୍ତର ।

ଫୁଲ୍ଲ ଉଠିଥିବ          ମହାନଦୀ ବକ୍ଷ
କମ୍ପି ଉଠିଥିବ ଲହରୀହାର,
ପଠା ଖଣ୍ଡପନ୍ତ          ଥିବେ ମଥା ପୋତି
ମୃଦୁ ହାସେ ଦେଖି ଅଙ୍ଗ-ବିକାର ।

ଦେଖିଥିବ ତହୁଁ          ବାରବାଟୀ ଦଶା
କି ବେଦନା ଥିବ ମରମେ ବାଧି,
ଉତ୍କଳର ବୀର-          ବିହାର-ପ୍ରାଙ୍ଗଣ,
ଏବେ ସେ ଉତ୍କଳ-ଶୌର୍ଯ୍ୟ-ସମାଧି ।

ଥିଲା ଧନ ଯେବେ          ନବତଲ ହର୍ମ୍ୟ
ଯୁଦ୍ଧଯାତ୍ରୀ ରାଜା ମେଲ୍ଲଣି କାଳେ,
ଆଣି ନଦୀନୀର          ସିଞ୍ଚିଲୁ ସମୀର
ସ୍ୱେଦବିନ୍ଦୁ-ସିକ୍ତ ମହର୍ଷୀ-ଭାଲେ ।

ସ୍ନେହ-ସୁଧା ବିନ୍ଦୁ          ଯେତେ ମୁଖ-ଇନ୍ଦୁ
ମଣ୍ଡିଲୁ ପ୍ରସର ନେତ୍ର ଯୁଗଳେ,
କଣ୍ଠ ସୁଶୀତଳେ          ହରିଲୁ କୌଶଳେ
ନ ପକାଇ ମୁକ୍ତାଫଳକ ତଳେ ।

ଯେବେ ରଣ ଜିତି          ପୁରେ ଗଜପତି
ବାହୁଡ଼ିଲେ ହେଲୁ ଜୟ ଘୋଷଣା,
ଆଳିଗଣେ ମିଳି          ଘେନି ଅର୍ଘ୍ୟଥାଳି
କଲେ ବନ୍ଦାପନା ବୀରଅଙ୍ଗନା ।

ବାଜିଲା ମହୁରୀ                    ଶଙ୍ଖ ଭେରୀ ତୂରୀ
ଉଡ଼ିଲା ଅମ୍ବରେ ଜୟ-କେତନ,
ସେ ବିଜୟ-ଘୋଷ                    ନେଲା ଦଶଦିଶ
କମ୍ପାଇଲା କେତୁ ତୁମ୍ଭେ ପବନ ।

ବନ୍ଦାପନା ଦୀପ                    ନଚାଇଲା ପୁଣି
ଉଡ଼ାଇଲା ବାମା ମଥା-ଓଢ଼ଣା,
ତବ ଧୃଷ୍ଟପଣେ                    ପୁଲକିତ ପ୍ରାଣେ
ଦେଲେ ବ୍ୟାଜଗାଳି ବରବରଣା ।

ବାରବାଟୀ ଅଙ୍ଗେ                    ସେ ସୌଭାଗ୍ୟ ରଙ୍ଗେ
କରିଥିଲ ଅଭିନୟ ପବନ,
ଆଜି ତ ଦେଖିଛ                    ସେହି ବାରବାଟୀ
ଦେଖିଲ ସତ୍ୟ କି ଅବା ସ୍ୱପନ !

ନ' ତଲ ପ୍ରାସାଦ                    ସେ ଶୌର୍ଯ୍ୟ-ସମ୍ପଦ
ବିଜୟ-ବାଜଣା ବିଜୟ-ଧ୍ୱଜା,
ବୀର କବିତାର                    ଶୌର୍ଯ୍ୟ ସମାଦର
ଉତ୍କଳର ବୀର ବିକ୍ରମୀ ପ୍ରଜା ।

ବାରବାଟୀ ଗଡ଼େ                    ନେତ୍ରପଥେ ପଡ଼େ
ଏବେ କି ସେ ପୂର୍ବ ଦୃଶ୍ୟପଟଳ,
ପ୍ରତିବିମ୍ବେ ଶୋଭେ                    ପ୍ରତିନାଦେ କମ୍ପେ
ଆଉ କି ସରିତ ହୃଦ-କମଳ !

କରପୂର ଉଡ଼ି                    କିନା ଥିଲେ ପଡ଼ି
'କିନା ରଖିଥାଏ କର୍ପୂର ସ୍ମୃତି,

କେତେ ଯାଇ ନାଶ ରହିଲେ ପାଷାଣ
ଧରିବ ତା ଦେଖି କିଏ ସେ ଧୃତି ?

ଭଗ୍ନ ମାଟିଗଦା[1] ରୁକ୍ଷ ଶକ୍ତ ପଦା
ପ୍ରାଚୀନ ଜାତିର ଶକ୍ତି-ଶ୍ମଶାନ,
ନିରେଖି ମଳୟ ସଦୟ ହୃଦୟ
ହୋଇ କରିଥିବ ଶୋକେ ସମ୍ମାନ ।

ସେ ମୃତ୍ତିକା ସ୍ତୂପ ଶିରେ ଶ୍ୟାମଶଷ୍ପ
ଚୁମ୍ବିଥିବ ଅଶ୍ରୁପୂର୍ଣ୍ଣ ନୟନେ,
କାଳଗ୍ରାସ ନାଶ ଉତ୍କଳ ପୌରୁଷ
କଳ୍ପିଥିବ ତହିଁ ଧରି ଶୟନେ ।

ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା,
ଭକତି ଆଦର କରେ ଯେ ତାହାର
ସେ ତ ଏ ମହତ ହୃଦୟ ଶିକ୍ଷା ।

ତହୁଁ ମୁହୂର୍ତ୍ତିକେ ଅନାସ୍ଥା ମୂଳକେ
ପଶିଥିବ ଚଉଦିଗେ ସଞ୍ଚରି,
ଦାବାନଳ ସମ ପରୁଷ ପ୍ରବାହ
ତାପିଥିବ ବନ ଶଇଳ ଦରି ।

ସେ ରଇଜ ପ୍ରଜା ନିତି ବଳଖେଳା
ଦେଇ ଅତି ଭୟେ କାଟନ୍ତି ଦିନ,
କଥା କହିବାର' ନାହିଁ ଅଧିକାର
ନୁହେ ଧନପ୍ରାଣ ନିଜ ଅଧୀନ ।

ଯହିଁ ରାଜବଂଶେ କ୍ଷୀଣ ପୁଣ୍ୟବଶେ
ଧନେ ନାହିଁ କାହିଁ ଭାଗ୍ୟ ଲକ୍ଷଣ,
ତଥାପି ପ୍ରପଞ୍ଚ ମଦେ ମତ୍ତ ସର୍ବେ
ନ ଦେଖନ୍ତି ଥରେ ଫେଡ଼ି ଈକ୍ଷଣ ।

ନିଦାଘେ ଶଇଳେ ଦାବାନଳ ଜଳେ
ପ୍ରଜାପୁରେ ଜଳେ ବରଷ ସାରା,
ଛାଡ଼ି ପଶୁ ବନ ଯାଏ ଆନ ସ୍ଥାନ
ପ୍ରଜା ବାପୁଡ଼ାର କାହିଁ ସେ ଛାରା !

ପ୍ରସରେ ସ୍ୱଚ୍ଛନ୍ଦେ ଯହିଁ ଗିରପଦେ
ନିରନ୍ତର ସ୍ୱଚ୍ଛ ନିର୍ଝର ଧାର,
ଶୁଭ୍ର ତୋୟା ନଦୀ ବହେ ନିରବଧି
ବନକଣ୍ଠେ ଯଥା ହୀରକହାର ।

ପିକ ଚକ୍ରବାକ ହଂସ କାରଣ୍ଡକ
ଶୁକ ଶାରୀ ଯହିଁ ଗାଆନ୍ତି ନିତି,
ନାନା ଫଳ ଫୁଲ କାନନ ମଞ୍ଜୁଳ
ଜନମାଏ ପ୍ରାଣେ ପବିତ୍ର ପ୍ରୀତି ।

ଶୁଭ୍ର ଶତଦଳ ସରେ ଢଳ ଢଳ
ମଞ୍ଜୁ ଗୁଞ୍ଜେ ଅଳି ଅସ୍ଫୁଟ ସ୍ୱନେ,
ଯହିଁ କୃଷ୍ଣସାର କରନ୍ତି ବିହାର
ସ୍ୱଚ୍ଛନ୍ଦେ ତଟିନୀ ତୀର କାନନେ ।

ମାଳତୀ ମାଧବୀ ସର୍ବଦା ସାଧବୀ
ଦେବଦାରୁ ଶାଳ ଭୁଜ ଆଶ୍ରୟେ,

ସୁରନ୍ଦିଣୀ ସମ ଦିଅନ୍ତି ଆରାମ
ସ୍ନିଗ୍ଧ ଛାୟାଦାନେ ପାନ୍ଥ ହୃଦୟେ ।

ଶସ୍ୟ ଆଭରଣେ ଯହିଁ ଅନୁକ୍ଷଣେ
ହସେ ସଦା ମହୀ ସ୍ନିଗ୍ଧ ଶ୍ୟାମଳା,
ମାନବ ମାଧୁରୀ ସରଳ ଚାତୁରୀ
ପ୍ରକୃତି ସହଜ ଛନ୍ଦରେ ଚଳା ।

ଶୁଭ ଶୋଭାମୟୀ କମଳା ଆଳୟୀ
ପ୍ରକୃତି ପ୍ରକାଶ ଅତି ବିଚିତ୍ର,
ଶାସକ ସ୍ୱଭାବ ବିନା ଯହିଁ ସବ
ସ୍ୱରଗ ସୁନ୍ଦର ଭାବେ ପବିତ୍ର ।

ବନୁ ବନାନ୍ତରେ କନ୍ଦରୁ କନ୍ଦରେ
ଅବାଧେ ବିହରିଥିବ ସେ ଦେଶେ,
କାହିଁ ଗୁଳୁଗୁଳି କାହିଁ ବା ଶୀତୁଳି
କାହିଁ ବହୁଥିବ ହୁଙ୍ଗଳା ବେଶେ ।

ପତ୍ର କୁଟା କାଠି . ଧୂଳି ନାଲିମାଟି
ଚକ୍ର ଆବର୍ତ୍ତନେ ଉଡ଼ାଇ ନଭେ,
ଝଡ଼ର ମୁଖରେ ଆପଣା ସୁଖରେ
ଗ୍ରହିଁଥିବ କାହିଁ କ୍ରୀଡ଼ାସରଭେ ।

ଅନ୍ଧାରି ମୁଲକ ପ୍ରଜା ସୁଖଦୁଃଖ
କି ଦେଖି ଆସିଛ କହ ପବନ,
ସହି ନାନା ଦଣ୍ଡ ଦିଅନ୍ତି କି ତଣ୍ଡ
ଆସିଅଛୁ କିବା ନବ ଚେତନ ?

ସ୍ୱଚ୍ଛ ଝର ବର୍ଷା
ଦୁଃଖ ପଡ଼ି ଚଷା
ଆପଣା କ୍ଷେତରେ କରେ ଯେ କୃଷି,
ନୋହୁ ଉତ୍ପୀଡ଼ିତ
ଯେମନ ଦାସୀ ସୁତ
ଖାଏ କି ସ୍ୱଚ୍ଛନ୍ଦେ ଅନ୍ନ-ଗରାସ ?

କେହୁ ରାଜା ଜଣେ
ବଚ୍ଚରେ କି ଛଳେ,
“ପରଜାଏ ମୋର ପୁଅ ସମାନ,
ପରଜାଙ୍କ ହିତ
ମୋ ଜୀବନ-ବ୍ରତ
ପରଜା ସୁଖେ ମୋ ସୁଖ-ସମ୍ମାନ ।

ବିନା ପ୍ରଜାଙ୍କେ
ରାଜାର କି ଗତି
ରାଜା ପ୍ରଜା ନୁହେ ଶ୍ୟେନ କପୋତ,
ପ୍ରଜା-ଜଳ-ବିନ୍ଦୁ
ମିଳି ରାଜ୍ୟ-ସିନ୍ଧୁ
ରାଜା ସେ ସଲିଳେ କେବଳ ସ୍ରୋତ ।”

ସାନ୍ତାଳ ସୁନ୍ଦରୀ
ସଙ୍ଗୀତ-ଲହରୀ
ଖେଳି ଯାଉଥିବ ପ୍ରବାହେ ତବ,
ବନବାସୀ ପ୍ରିୟ
ସ୍ୱଚ୍ଛ ମଧୁମୟ
ଆଘ୍ରାଣି କଲ୍ କି ପୁଷ୍ପ-ଆସବ ?

କହ ଗନ୍ଧବହ
ଅଛୁ କି ଉଦ୍ଭ୍ରାନ୍ତ
ଚିର ବନବାସୀ ସରଳ ପ୍ରାଣେ,
ରୁକ୍ଷ ରମ୍ୟ ମୂର୍ତ୍ତି
ଉନ୍ମୁକ୍ତ ପ୍ରକୃତି
ସ୍ୱାଧୀନତା ମନ୍ତ୍ର କହେ କି କାନେ ?

ଜାଗନ୍ତୁ ସାହସ
ସ୍ୱାଧୀନତା ବାସ
ଗିରିଶିଖେ କଟିଥିବ ବିହାର,

ଦେଖିଲ କି କାହିଁ    ରଖିଛୁ କୁସୁଭ
ସ୍ୱାଧୀନତା-ଶିଖା ଦଗ୍ଧ-ଅଙ୍ଗାର ।

ଅନ୍ଧାରୀ ମୂଳକେ    ପଲକେ ପଲକେ
ମେଲିଥିବ ତବ ତରଙ୍ଗମାଳା,
ସେ ତରଙ୍ଗେ ଦୋଳି    କୁସୁମ-ଅଞ୍ଜଳି
ଢାଳିଥିବ ସ୍ନେହେ କାନନବାଳା ।

ଭ୍ରମି ବନ୍ଧୁ ଦୂର    ବିଷମ ବନ୍ଧୁର
ଫୁଟି ପଡ଼ିଥିବ ପଥଶରମେ,
ଦାବାନଳ ତାପ    ଅସହ୍ୟ ଅମାପ
ଭେଦିଥିବ ଯେବେ ପୁଣି ମରମେ ।

ଆତୁର ଅଧୀରେ    ମହାନଦୀ ନୀରେ
ପଶିଥିବ ଯାଇ ସନ୍ତାପ ନାଶେ,
ଶିଶୁ ନତମୂର୍ତ୍ତିମା    ତରଙ୍ଗ-ହାସିମା
ଅଙ୍ଗ ଫୁଲିଥିବ ନବ ଉଲ୍ଲାସେ ।

କରି ଗଡ଼ ବନ୍ଧ    ରଚି ଶତରଙ୍ଗ
କାହିଁ କେତେ ଗଣ୍ଡେ ଗିରିସଙ୍କଟେ,
ପଶ୍ଚିମ ମୁଖରେ    ଯାଇ ଖଣ୍ଡଦୂରେ
ମିଳିଥିବ 'ସ୍ୱର୍ଣ୍ଣଖଣ୍ଡ' ନିକଟେ ।

ମହାନଦୀ ବକ୍ଷେ    ଦ୍ୱୀପ ରମଣୀୟ
ସମ୍ବଲପୁରର ସୁଷମାଖଣି,
ମଣ୍ଡିଥିଲା ଧନେ    ସ୍ମାରକ ଯାହାର
ପୁରାତନ ହେମରାଜ୍ୟ ବିପଣି ।

ସରିଛୁ ସମ୍ପଦ — ଏବେ ସ୍ମାରାକୁଦ
ଉପେକ୍ଷିତ ଧନସ୍ଥାନ ସମ୍ମାନ,
ଧୀବର-କୁମାରୀ — ଗଣଇ ଲହରୀ
ଗାଏ କେବେ ପଦେ ବିସ୍ମୃତ ଗାନ ।

ନିଭୃତ ବିଜନ — ଶ୍ୟାମ ଶୋଭିବନ
ପ୍ରକୃତି ସହଜ ଶୋଭି ପଟଳ,
ସେ କି ମହାନଦୀ- — ପୁଣ୍ୟ ତପ-ବେଦୀ
ଥିବ ବା ନିମିଷେ ତହିଁ ନିଶ୍ଚଳ ।

ଶୀତଳ ଶୀକର — ସେଚନ ହେ ସମୀର
କଲ କି ସମ୍ବଲପୁରେ ପ୍ରବେଶ ?
ନିଦାଘ-ବ୍ୟାକୁଳ — ପୁରବାସୀ-କୁଳ
ହରିଥିବେ ତବ ପରଶେ କ୍ଲେଶ ।

ଅତି ପ୍ରିୟ ମୋର — ସେ ସମ୍ବଲପୁର
ଅଛନ୍ତି ତ ତହିଁ ଭଲେ ସକଳ ?
କଲ୍ୟ ଭାଷା ରକ୍ଷା — ଧରି ସେ ଯେ କକ୍ଷା
ଗାଇବ ସେ ଚିର ଯଶ ଉତ୍କଳ ।

ଚମ୍ପକ ବରଣୀ — ସୁରୁଚି ସୁହାସିନୀ
ଯହିଁ ଗୁଣବତୀ ପୁରଅଙ୍ଗନା,
ସ୍ୱଦେଶୀ ବସନେ — ସ୍ୱଦେଶୀ ଭୂଷଣେ
ଦିଶେ ସଦା ତୋରି ପ୍ରୀତି-ପ୍ରସନ୍ନା ।

ମହାନଦୀ ନୀର — ଶୀତଳ ସମୀର
ସେବନ୍ତି ସ୍ୱଚ୍ଛନ୍ଦେ ଜନଙ୍କୁ ଯାର,

ଅଛି ମୋ ବିଶ୍ୱାସ ହେବ ସେ ଅବଶ୍ୟ
ସ୍ୱାଧୀନତା ରଣେ ଦୃଢ଼ ପ୍ରାକାର ।

ସମ୍ବଲପୁରର ଶୁଭ ସମାଚାର
ଶୁଣାଅ ସଦୟେ ସମୀର ବାରେ,
ଉତ୍କଳ-ଜାହ୍ନବୀ ଗୃରୁ ମହାନଦୀ
ପୁଣ୍ୟ ଅମ୍ବୁକଣା ଆଣ ମୋ ଦ୍ୱାରେ ।

ତାପିତ ମୋ ହୃଦ ଦିଅ ଶାନ୍ତ ମୁଦ
ଆତ୍ମୀୟ ସ୍ୱଜନ ବାରତା କହି,
ପରହ୍ୱତେ ବହ ପୁଣ୍ୟ ଗନ୍ଧବହ
ତେଣୁ ପଥ ଚାହିଁ ଅଛି ମୁଁ ରହି ।

ମୋ ନେତ୍ର ଆଗରେ ବନ୍ଧର ବାହାରେ
ଦୋଳାଉଛ ତରୁ ଶାଖା ପଲ୍ଲବ,
କେଉଁ ଅପରାଧେ ଦୋଷୀ ତବ ପାଦେ
ନ କର ମୋଠାରେ କରୁଣା ଲବ ।

ବନ୍ଦୀ ବୋଲି ମତେ କିବା ଘୃଣା-ନେତ୍ରେ
ଦେଖ କି ହେ, ତେଣୁ ପାଶେ ନ ଆସ,
ଭେଦଜ୍ଞାନ ତବ ଲାଗେ ଅସମ୍ଭବ
ତୁମ୍ଭେ ଚରାଚର ବିଶ୍ୱ-ବିଶ୍ୱାସ ।

ସମାଜ ନିଷ୍ଠୁର କରେ ଯାକୁ ଦୂର
ସେ ନୁହେ ପ୍ରକୃତି ପ୍ରେମୁଁ ବାହାର,
ଗଗନେ ପବନେ ଚନ୍ଦ୍ରମା ତପନେ
ଜଳେ ଫଳେ ଫୁଲେ ତା ଅଧିକାର ।

ନର ପ୍ରତି ନର କରେ ଅବିଚାର
ପ୍ରକୃତି ସକଳେ ଦେଖେ ସମାନ,
ହେ ମଳୟାନିଳ ସୁଗନ୍ଧ ଶୀତଳ
ପ୍ରବାହେ ପରଶ ମୋ ଦଗ୍ଧ ପ୍ରାଣ ।

କରୁଛ କୀର୍ତ୍ତନ ସଦା ତବ ଗୁଣ
ନିଖିଳ ଜଗତ ଜୀବଜୀବନ,
ଅବହେଳେ ବେଳେ ଏଥି କାରାବଳେ
ଛୁଇଁଯାଅ ମତେ ମୁକ୍ତ ପବନ ।

ଆସିଅଛ ଭ୍ରମି କେତେ ପୁଣ୍ୟଧାମେ
ଲଗାଇ ଦିଅ ମୋ ଶିରେ ପ୍ରସାଦ,
ସେ ପୁଣ୍ୟ ପରଶେ ଘୁଞ୍ଚୁ ଅବସାଦ
ଅପସରୁ ହୃଦୁଁ ମୋହ ପ୍ରମାଦ ।

—o—

## ବନ୍ଦୀର ସନ୍ଧ୍ୟା-ଭାବନା

ଗୋଧୂଳି ଗଗନେ ଏବେ ପ୍ରଦୋଷ ପ୍ରଥମ ତାରା
ଉଇଁ ପ୍ରାଚୀଦିଗ ଭାଲେ ଢାଳେ କ୍ଷୀଣ ଜ୍ୟୋତିଧାରା ।
ଅନାଏ ସେ ମିଟିମିଟି କେତେ ଦୂରୁଁ କାରାଦ୍ୱାରେ
ଲଗେ କାନ୍ଥ ଆର ପାଖେ ଲୁଚି ଯଥା ଉଙ୍କିମାରେ ।
ତାର ସଙ୍ଗେ ମନେ ମୋର ଫୁଟେ କେତେ ଦୃଶ୍ୟରାଶି
ଫେନିଳ ତରଙ୍ଗ କେତେ ନୀଳାର୍ଣ୍ଣବେ ଉଠେ ଭାସି ।

ଏକ ପରେ ଆନ ଆସେ, ଲଗିଛି ଅନନ୍ତ ଖେଳା
ଅବିରତ ପିଟେ ମଥା ସହେ ତାରକତ ବେଳା ।

ସୁନୀଳ ବିତାନ ତଳେ ଚକ୍ରବାଳ ମୂଳଯାଏ
ଶ୍ୟାମଳ ପାଦପପନ୍ତି ଦୂରେ ଦୂରେ ଶୋଭାପାଏ ।

ପଢ଼ଉରେ ମାଛ ଚେନ ନୋଳିଆ ଲେଉଟି ଆସେ ।
କୂଳେ ତା ପିଲାଏ ଖୁହୁଁ ଗୀତ ଗାନ୍ତି ଅଟ୍ଟହାସେ ।

ପାଣିକ ଡିଅନ୍ତି କେତେ ଭାଙ୍ଗିବେ ଲହଡ଼ି ସାତ
ପାଗ୍ରେଛି ଆଣିବେ କୂଳେ ଧରି ଯେଝା ବାପ ହାତ ।

ଧାଡ଼ି ଧାଡ଼ି କେତେ ପକ୍ଷୀ ସମୁଦ୍ର ଉପର ନଭେ
ନିଜ ନିଜ ବସା ମୁଖେ ଉଡ଼ିଯାନ୍ତି କଳରବେ ।

ଦଳ ଛାଡ଼ି ଏ ପକ୍ଷୀଟି ଥିଲି ପରି ପଥ ଭୁଲି
ବସା ଖୋଜି କେଡ଼େ ବେଗେ ଏକାକୀ ଯାଉଛି ଉଡ଼ି ।

କେହିବ ପରି ଏହା ବସା କନ୍ଧସି ପାହାଡ଼ ଚୂଳେ
ଲୁଚାଇବ ତହିଁ ରାତି ସ୍ୱଚ୍ଛନ୍ଦେ ଶାବକ ଭୁଲେ ।

ଛୁଡ଼ି ଗୁପ୍ତ ବୃନ୍ଦାବନ ବଉଳ ତମାଳ ଡାଳ
ତ୍ରିବେଣି ଚଢ଼େଇପାରି ଉଡ଼ି ପକ୍ଷୀ ମାଳ ମାଳ ।

ଗୁପ୍ତ ବୃନ୍ଦାବନ କୁଞ୍ଜେ ଥିବ ନାହିଁ କୋଳାହଳ
ସ୍ନିଗ୍ଧ ମରମରେ ଝଡ଼ି ପଡ଼ୁଥିବ ଫୁଲଦଳ ।

କନ୍ଧସି ଶଇଳ ଶିରେ ଦଶେ ଦାବାନଳ ତେଜ
ଆଣଇ ସେ ମନେ ମୋର ବରୁଣୀ ପାହାଡ଼ ହେଜ ।

ବରୁଣୀ ଜଙ୍ଗଲେ ଏବେ ଲଗିବଣି ଦାବାନଳ
ଜଳୁଥିବ ଦାଉ ଦାଉ ଶୁଷ୍କ ତରୁ ଶାଖାଦଳ ।

ଶୁଖିଲା ବାଉଁଶଗଛି
ହେଲାଇଲା ପବନ ବେଗେ
ଫୁଟୁଥିବ ଘନ ଘନ
ବାଜୁଥିବ ସନ ସନ ।

ସିନ୍ଦୂର ବରଣ ଶିଖା
ପରୁଷ ପବନ ପାତେ
ରକ୍ତ ଜିଭ ଲହ ଲହ
ଉଠୁଥିବ ଶହ ଶହ ।

ଲକ୍ଷ ଲକ୍ଷ ଅଗ୍ନି କଣା
କେତେ ଗଛୁ ଶୁଷ୍କ ଶାଖା
ନଭେ ଯାଉଥିବ ଉଡ଼ି
ଜଳି ପଡୁଥିବ ଛୁଡ଼ି ।

ନିଦାରୁଣ ଦାବାନଳେ
ଚକମକେ ଝଳୁଥିବ
ତୋଫା ଦିଶୁଥିବ ବଣ
ଦେଖାପାଦ ପ୍ରସ୍ରବଣ ।

ଶୁଖିଲା ପତର ଘାସ
କାତରେ ପଳାଉଥିବେ
ଧୁଁଆସେ ଜଳୁଥିବ ତଳେ
ମୃଗ ଶଶା ଦଳେ ଦଳେ ।

ଦମ ମାରୁଥିବେ ଯାଇ
ସମତଳ ଭୂମି ପରେ
ଗିରିପଦୁଁ ଝଣ୍ଡୁ ଦୂରେ
ନଷ୍ଟ ରାଣୀହଂସପୁରେ ।

ପୁରୁଣା ନଅର ଅହା
ନିଷ୍ଠୁର ହୃଦୟେ ଯହୁଁ
ସ୍ୱାଧୀନତା କେଶବତୀ
ଜଳୁଥିଲା ଝୀଣେ ଅତି,

ଲିଭିଯାଇଛି ସେ ଦୀପ
ଭିଟାରେ ଉଠିଛି ଏବେ
ଅନ୍ଧାର କରିଛି ଗ୍ରାସ
ବଣ ବୁଦା ଗଛ ଘାସ ।

ସେ ଅମା ଅନ୍ଧାର କଥା
କିମ୍ପା ଭାବେ ? ଡୁବେ ପ୍ରାଣ
ଏ ଅନ୍ଧାର କାରାଗାରେ
ଦୁଃଖ ଶୋକ ଅକୂପାରେ,

ଲିଭିଗଲେ ଏକାବେଳେ
ଦେଖି କିଏ ସମ୍ଭାଳିବ
ମହତ୍ତ୍ୱର କ୍ଷୀଣ ଛାୟା
ଧରି ରକ୍ତ ମାଂସ କାୟା ?

କସ୍ତୁରୀ ରାଜଗୁରୁ ଆମ୍ଭ
ବୁଲୁଥିବ ଏବେ ଏକା
ପକାଇ ସୁଦୀର୍ଘ ଶ୍ୱାସ
ପୁଷ୍କରିଣୀ ଚଉପାଶ ।

ନିରାଶା ବିଷାଦ ଗୀତ ଗାଉଥିବ କ୍ଷୀଣ ନାଦେ
କି ଅବା ନିରେଖି ଶୂନ୍ୟେ ବସିଥିବ ଅବସାଦେ ।

ଗୁମୁଟିରେ କାରା-ଘଣ୍ଟା ବାଜେ ଠଣ୍ ଠଣ୍ ଠଣ୍
ଯେ ଯାହା ପିଞ୍ଜରେ ବନ୍ଦ ହେଲେ ସର୍ବେ ବନ୍ଦୀଗଣ ।

ପ୍ରତି ଖୁଆଡ଼ର ସଂଖ୍ୟା ଡାକେ ଉଚ୍ଚେ ଜଗୁଆଳି
ଲାଗିବ ଏ ରାତିଯାକ ସଂଖ୍ୟା ସଂକୀର୍ତ୍ତନ ପାଳି ।

ବାଜିବଣି ନୀଳାଚଳେ କେତେ ଘଣ୍ଟା ଭେରି ତୂରୀ
ଏ ସନ୍ଧ୍ୟା ଆରତି ବେଳେ ବେଢ଼ା ଉଠୁଥିବ ପୂରି ।

କେହୁ କରୁଥିବେ ଜପ ପଢ଼ୁଥିବେ କେହି ସ୍ତୁତି
କାହିଁ ନାମ ସଂକୀର୍ତ୍ତନ ଲାଗିଥିବ ଦିବ୍ୟ ସ୍ଫୂର୍ତ୍ତି ।

ଉତ୍କଳର ପଲ୍ଲୀଗ୍ରାମେ ଏବେ ଭାଗବତ ଘରେ,
ଭାଗବତ ପଦ ଦୁଆ ଉଠିବଣି ଉଚ୍ଚସ୍ୱରେ ।

ଏ ବିଜନ ବିଲେ କମ୍ପା କରୁଛି ମୁଁ ସେ ଭାବନା
ଏକାନ୍ତେ ମୁହୂର୍ତ୍ତେ ବସି କରେଁ ହେଲେ ଉପାସନା ।

ଦୂର ରହିଛନ୍ତି ପ୍ରଭୁ ସର୍ବ ଭୂତେ ସର୍ବ ସ୍ଥାନେ।
ପାଇବି ପରାଣେ ଶାନ୍ତି ତାଙ୍କ ପାଦପଦ୍ମେ ଧ୍ୟାନେ ।

ବଜାଇବି ହୃଦେ ଘଣ୍ଟା ଅନ୍ତରେ ପ୍ରଦୀପ ଜାଳି
ଆରତି ରଚିବି ଏଥି ପଦେ ପ୍ରେମପୁଷ୍ପ ଢାଳି ।

ଜୀବନ ନିବିଡ଼ ତମେ ସେହି ମୋର ଧ୍ରୁବତାରା
ତାଙ୍କ ବଳେ ତୀର୍ଥ ମୋର ବିଷମ ଦୁଃସହ କାରା ।

ସେ ସଖା ସୋଦର ସ୍ୱାମୀ ଅଛନ୍ତି ମୋ ସାଥି
ତାଙ୍କର ଆଶ୍ରୟେ ଏବେ ପୁହାଇବି ଆଜି ରାତି ।

# କାରାରେ ଜଣେ ବନ୍ଧୁଙ୍କ ବିୟୋଗବାର୍ତ୍ତା ଶୁଣିବା ପରେ *

ତରୁଣ ବୟସେ ଯେବେ ବସି ତବ ପାଶେ
ଲଭିଥିଲି ଜ୍ଞାନାଲୋକ ପ୍ରଥମ ସଞ୍ଚାର,
ସେ ଦିନୁଁ ଏ ଯାଏ ସବୁ ସ୍ମୃତି ମନେ ଆସେ
ଶୁଣି ଆଜି ତବ ମୃତ୍ୟୁ-ଶୋକ-ସମାଚାର । ୧ ।

ଭାଗ୍ୟ ହେଲାନାହିଁ ତବ ରୁଚି ଅନୁକୂଳ
ଜାଣେ ମୁଁ କାଟିଛ କାଳ ଚିର ହାହାକାରେ,
ଜୀବନର କର୍ମକ୍ଷେତ୍ରେ ସତତ ବ୍ୟାକୁଳ
ପାଇନାହିଁ ସୁଖ ଶାନ୍ତି କ୍ଷଣେ ପରିବାରେ । ୨ ।

ଦେଖିଛୁ ଅନ୍ତରେ ତବ ଥିଲା ଅଗ୍ନିକଣା
ଜଳିଥାନ୍ତା ଲାଗିଥିଲେ ଯଥାକାଳେ ବାୟୁ,
କୁହୁଳି କୁହୁଳି ତାହା ଲଭିଲା ଅଜଣା
ନିରାଶାର ଉଷ୍ଣଶ୍ୱାସେ ତରଳିଲା ଆୟୁ । ୩ ।

କିପାଇଁ ପ୍ରଗାଢ଼ ସ୍ନେହ ଆଦର ବିଶ୍ୱାସ
ପୋଷିଥିଲ ନିରନ୍ତର ଅନ୍ତରେ ମୋ ପ୍ରତି,
ଅନ୍ତିମ ମୁହୂର୍ତ୍ତେ ମୋର ଦୂର କାରାବାସ
ତୁମର ମରମେ ବ୍ୟଥା ପାଇଥିବ ଅତି । ୪ ।

ହେଲା ମୋର କାରାଦଣ୍ଡ ଯେବେ ପଡ଼େ ମନେ
ଛିଡ଼ା ହୋଇଥିଲ ଆସି ଦରବାର ଦ୍ୱାରେ,
ଛଳଛଳ କରି ସ୍ନେହ ଲୋତକ-ନୟନେ
ରୁଦ୍ଧକଣ୍ଠେ ଆଶିଷିଲ ମୋର ନମସ୍କାରେ । ୫ ।

---

*ଗୋପବନ୍ଧୁଙ୍କ ଶିକ୍ଷାଗୁରୁ ପୁରୀବାସୀ ସ୍ୱର୍ଗୀୟ ଦିବ୍ୟସିଂହ ମିଶ୍ରଙ୍କ ପରଲୋକ ସଂବାଦରେ ଲିଖିତ ।

ଫେର ଏଥୁ କରଥାନ୍ତ ପୁଣି ନମସ୍କାର
କହିଥାନ୍ତ ଫେଡ଼ି ମୋର କାରା ଅନୁଭବ,
କ୍ରୂର କାଲ ଲଗାଇଲା ଷଡ଼େ ମୋର ଖାର
ଘଟାଇଲା ଏ ଦାରୁଣ ଶୋକ ଅଭିନବ । ୬ ।

ଆସୁ, ଆସୁ, ଆସିପାରେ ଯେତେ ଯେତେ ଦୁଃଖ
କରିଛି ଏ ହୃଦକ ମୁଁ ପାଷାଣୁଁ କଠିନ,
ଆତ୍ମୀୟ ସ୍ୱଜନ ଆଡ଼ୁ ଫେରାଇଣ ମୁଖ
ଅନ୍ଧକାର କାରାକକ୍ଷେ ପଶିଲି ଯେ ଦିନ । ୭ ।

ମୋ କାର୍ଯ୍ୟେ ମମତା ସଦା ଥିଲା ତବ ପ୍ରାଣେ
ମୋ ବିପଦେ ଭୋଗୁଥିଲ ସ୍ୱଜନ ବେଦନା,
ନ ଗଲି ଶ୍ମଶାନଯାଏ ଅନ୍ତିମ ପ୍ରସ୍ଥାନେ
ଚିରଦିନ ରହିଲା ଏ ଗଭୀର ଶୋଚନା । ୮ ।

ରହିଛି ଏପରି କେତେ ଶୋଚନା ସଂଚିତ
ଶୈଶବୁଁ ବିୟୋଗ-ଦୁଃଖେ ଗଢ଼ା ଏ ଜୀବନ,
ଜାଗିଲେ ସେ ସ୍ମୃତି ଚିତ୍ତ ହୁଏ ବିଚଳିତ
ଭାସେ ଆଖି ଅଶ୍ରୁନୀରେ ଅଙ୍ଗ ଅବସନ । ୯ ।

ଦେଖିନାହିଁ ମାତୃମୁଖ ଅଜ୍ଞାନ ଶୈଶବେ
ପିତା ପୁତ୍ର ପତ୍ନୀ ବନ୍ଧୁ ବିୟୋଗ ବିଘାତ,
ବାର ବାର ତଡ଼ିନେଇ ଶୋକ-ମହାର୍ଣ୍ଣବେ
ବୁଡ଼ାଇ ଦେଇଛି ବୁକେ ତୀବ୍ର କଷାଘାତ । ୧୦ ।

ବିରହ-ବିଷାଦ-ବିଷେ ରଶାଣିତ ଧାର
କ୍ରୂର କାଲ ବାର ବାର ତୀକ୍ଷ୍ଣ କରବାଲେ,

କରୁଛୁ ଏ ବକ୍ଷେ ମୋର ଦାରୁଣ ପ୍ରହାର,
କୁଞ୍ଚିତ ଚର୍ମଳ ଗ୍ରୁପ ମାରୁଛୁ ମୋ ଗାଲେ । ୧୧ ।

ଅଳପ ବୟସେ ମୋର ବହୁ ଅନୁଭବ
ହୃଦ ନିକ୍ଷେପିତ ମୋର ବିରହ କଷଣେ,
ଲୁଟିଛୁ ମୋ କଳ୍ପନାର ବିଳାସ-ବୈଭବ
ଦେଖେ ମୁଁ ଜୀବନଗତ ବାସ୍ତବ-ନୟନେ । ୧୨ ।

ତୃଣ ବେଣ୍ଟ ଯଥା ମହାସାଗର ତରଙ୍ଗେ
ଭାସି ଆସି କ୍ଷଣେ ମିଳି ହୁଏ ଅନ୍ତରିତ,
ପିତାପୁତ୍ର ପତିପତ୍ନୀ ମିଳି ଏକ ସଙ୍ଗେ
କାଳ-ସ୍ରୋତେ କାହିଁ ପୁଣି ଚଳନ୍ତି ତ୍ୱରିତ । ୧୩ ।

ଏହି କି ପ୍ରଣୟ ଗତି, ଏହି ପରିଣାମ ?
ଅପାର ଜୀବନ-ସ୍ରୋତେ ମୁହୂର୍ତ୍ତ ମିଳନ ?
ଭେଟସ୍ଥାନ ଏକମାତ୍ର କ୍ଷୁଦ୍ର ଧରାଧାମ ?
ତେବେ କମ୍ପା ଏ ମମତା, ଏତେ ଆୟୋଜନ ?

ବେଣ୍ଟ ତୃଣ ବାରେ ଯେବେ ଭେଟି ପରସ୍ପରେ
ଅନନ୍ତ ଭ୍ରମଣ-ପଥେ କରନ୍ତି ଗମନ,
କେ ଜାଣେ ନ ହେବ ବୋଲି ଭେଟ ଆଉ ଥରେ
ଲୁଟେ ନାହିଁ କମ୍ପା ସ୍ମୃତି ମମତା-ବନ୍ଧନ । ୧୫ ।

ଚିତାନଳେ ଭସ୍ମ ନୁହେ ସେନେହ-ବନ୍ଧନ
ଶ୍ମଶାନ ନୁହେ ଏ ଜୀବ ଶେଷ ପରିସୀମା,
କେବେ କାହିଁ ହେବ ନିଶ୍ଚେ ଶୁଭ ସମ୍ମିଳନ
ପ୍ରକାଶିବ ପ୍ରାଣେ ପୂର୍ଣ୍ଣ ପୁଣ୍ୟ-ମଧୁରିମା । ୧୬ ।

ସୁଖ ଦୁଃଖ ତେଣୁ ମୋର ସମସହଚର
ଜନମେ ମରଣେ ନାହିଁ ହରଷ ବିଷାଦ,
ଆହ୍ଲାଦେ ଆପଦେ ମୋର ସମାନ ଆଦର
ସବୁ ଶୁଭ ବିଧାତାଙ୍କ ଶୁଭ ଆଶୀର୍ବାଦ । ୧୭ ।

ଏ ବିଶ୍ୱାସେ କାରା ମୋର ପୁଣ୍ୟ ତପୋବନ
ଆତ୍ମୀୟ ବିୟୋଗ ଆଣେ ଅପୂର୍ବ ଉନ୍ମେଷ,
କ୍ରମେ ଯେ ନିକଟେ ମୋର ଆସିଛି ମରଣ
ରହିଅଛି ବହୁ କାର୍ଯ୍ୟ ଏବେ ଅବଶେଷ । ୧୮ ।

# ଦେଖାଦଅ ବାରେ

ଦଶଦିଗ ମତେ ଦିଶେ ଅନ୍ଧକାର
ଲାଗେ ଏ ଜୀବନ ଅତି ଗୁରୁଭାର
ନିରାଶା ନିଶ୍ୱାସ          ବହେ ଅଣସ୍ରୁଣ
କରିବ କି ପ୍ରତିକାର ? ୧ ।

କାହିଁ ମୋର ସେହି ପ୍ରାଣ ପ୍ରେମଧାର
କାହିଁ ମୋର ସୁଧାମୟ ହୃଦହାର
ଦିଅ ଦେଖା ବାରେ          ଏ ଘୋର ଅନ୍ଧାରେ
ଦେଖି ମୁଁ କି ନାରଖାର । ୨ ।

ଚଳାଅ ମୋ ଅଙ୍ଗେ ଅମୀୟ ଅଙ୍ଗୁଳି
ଦିଅ ଶିରେ ମୋର ପୁଣ୍ୟ ପଦଧୂଳି
ବଜାଅ ସେ ବୀଣା          ମୃତ୍ୟୁ-ଭୟହୀଣା
ଉଠୁ ପ୍ରାଣ ମୋ ଉଚ୍ଛୁଳି । ୩ ।

ବୁଝିନାହିଁ ପୂରି ଏବେ ମୋ ଚେତନା
ଲୋଡ଼େ ଏ ପରାଣେ କେନେହି ସାନ୍ତ୍ୱନା
ଅଲପ ଅପାଙ୍ଗେ          ଅନାଅଁ ଏ ଅଙ୍ଗେ
ଆସୁ ଆଶା ଆଶ୍ୱାସନା । ୪ ।

ମଧୁର ମୁରଲୀ ବିମୋହନ ତାନ
ଶୁଣାଅ ପୁଲକ ଉଠିବ ପରାଣ
ଆଶୁ ଉପଚାର          କର ହେ ବିଚାର
ଥାଉଁ ଥାଉଁ ମୋର ଜ୍ଞାନ । ୫ ।

ଉଠୁ ପଛେ ତାନେ ଦୁଃଖମୟ ଗୀତ
ଦୁଖଗଢ଼ା ପ୍ରାଣ ପାଉ ଦୁଃଖେ ପ୍ରୀତ
ଦୁଃଖେ ସୁଖେ ମୋର ସମାନ ଆଦର
ବାଅ, ବେଲଯାଏ ବିତ । ୬ ।

# ପ୍ରେମର କି ଏହି ପରିଣାମ ?

ତରଳ ତରୁଣେ ବେନି ହୃଦ ଢଳଢଳ
ମିଶିଲ ସହଜେ ଯଥା ଜଳ ସଙ୍ଗେ ଜଳ ।

କୋମଳ କୈଶୋରେ ପ୍ରୀତି ହେଲା ଗାଢ଼ତର
ସହେ ନାହିଁ ପ୍ରାଣ, ହେଲେ ମୁହୂର୍ତ୍ତେ ଅନ୍ତର ।

ଆହାର ଭୋଜନ ନିଦ୍ରା ସ୍ନାହାନ ଆଳାପ
ଗାନ ଧ୍ୟାନ ଅଧ୍ୟୟନ ସୁହାସ ବିଳାପ ।

ଜୀବନର ପ୍ରତି କାର୍ଯ୍ୟ ଯଥା ଏକ କାଳେ
ଅନୁକ୍ଷଣ ଏକ ଭାବେ ବେନି ତନୁ ଚଳେ ।
ଏକ ହୃଦେ ଲାଗେ ଯେବେ ଦୁଃଖ ଦାଉଘାତ
ସଙ୍ଗେ ସଙ୍ଗେ ଆନ ନେତ୍ରୁ ହୁଏ ଅଶ୍ରୁପାତ ।

ବେନି ପିଣ୍ଡେ ଏକ ଆତ୍ମା ଏକ ମନ ପ୍ରାଣ
ବେନି ହୃଦ ଏକ ତନ୍ତ୍ରେ ବାଜେ ସମତାନ ।

ସେ ମୋହନ ତନ୍ତ୍ରେ ସୂକ୍ଷ୍ମ ଛିଦ୍ର ଥିଲା କାହିଁ
ସ୍ୱପ୍ନେ ହେଲେ କେହି କେବେ ମନେ ଭାବି ନାହିଁ ।

ଧୁହୁଁ ଧୁହୁଁ ଧୁରୁ କ୍ଷୀଣ ହେଲା ବେନି ଭାଗ,
ନାହିଁ ଆଉ ତାନ ଲୟ ନାହିଁ ଗୀତସ୍ୱର ।
ଉପୁଜିଲା ଅଲକ୍ଷିତେ କାହୁଁ ଅମ୍ଳବିନ୍ଦୁ
ସ୍ୱାର୍ଥ ତାପେ ଛିଣ୍ଡାଇଲା ପ୍ରୀତି-ପୟ-ସିନ୍ଧୁ ।

ସହିତ ଶ୍ୟାମଳ ସ୍ନିଗ୍ଧ ଶୈଳ-ଗର୍ଭେ ଲୁଚି,
ଥିଲା ଶିଳା ଭେଦକ୍ଷମ ସୂକ୍ଷ୍ମ ବଜ୍ରସୂଚି,

ଅକସ୍ମାତେ ବିଦାରିଲା ଶଇଳ ଶିଖର
ଏକ ଶୃଙ୍ଗ ଦ୍ୱିଧା ଏବେ ଯୋଜନ ଅନ୍ତର ।

ମଧ୍ୟେ ବହେ ଭୀମବେଗେ ବିଶାଳ ପ୍ରପାତ
ଘଟିବ କି ଆଉ ସତେ ଦୋହିଙ୍କ ସାକ୍ଷାତ ?

ନଶ୍ୱର ଭବେ କି ଏହି ଜୀବନର ଗତି
କ୍ଷଣଭଙ୍ଗୁର କି ନର ପ୍ରଣୟ-ପୀରତି ?

କଣ୍ଟକ-ସଂକୁଳ ପଥେ କୁସୁମବିତାନ
ମରୁଭୂମେ ପ୍ରେମସ୍ନିଗ୍ଧ ସଲିଳ ସମାନ ।

ନରପିଣ୍ଡେ ପ୍ରେମ ଏକ ଅମର ସଞ୍ଚାର,
ପାର୍ଥିବ ଜଗତେ ପ୍ରେମ ସ୍ୱର୍ଗ ସୁଧାଧାର ।

ପ୍ରେମର ଏ ପ୍ରଶସ୍ତି କି କବି-କଲପନା,
ପ୍ରେମ କି କେବଳ ନୀଚ ସ୍ୱାର୍ଥର ଛଳନା ?

କୈଶୋରେ ଉପୁଜେ ପ୍ରେମ ମିଳି ପ୍ରାଣେ ପ୍ରାଣ
ଉତ୍ତର ବୟସେ ତାର ଏହି ପରିଣାମ ?

ଯୌବନ ସରସ ଭାବ, ହୃଦୟ ପ୍ରସାର
ପ୍ରବୀଣ-ଦୃଷ୍ଟିରେ ଘୋର ମସ୍ତିଷ୍କ ବିକାର ?

ଜୀବନର-ପଦେ ପଦେ କାହିଁ ତେବେ ମେଳ ?
ନୁହେଁ ପରା ଏ ଜୀବନ ବୃଥା ଶିଶୁଖେଳ ।

ଧିକ ଧିକ୍ ଶତ ଧିକ୍ ପ୍ରୌଢ଼ ପ୍ରବୀଣତା
ନାଶେ ଯେ ମାନବ ହୃଦ ସ୍ନେହ ସରଳତା ।

ଗର୍ବ ଅହଙ୍କାରେ ଯାର ପୀରତି-ପିହିତ
ଆବିଳ ପ୍ରାଣେ ଯେ ଗାଏ ପୁଣ୍ୟ ପ୍ରେମ-ଗୀତ ।

ବହୁଯାଏ ଦୂରେ ଯାର ବିଶ୍ୱ-ପ୍ରେମିକତା
ଈର୍ଷାନଳେ ଜଳେ ଆଦ୍ୟ ନିକଟ ମମତା,
ଶୈଶବ ଉଦ୍ଦେଶ୍ୟହୀନ ସ୍ୱଚ୍ଛନ୍ଦ-ସରଳ
ତରୁଣ ଉନ୍ମୁକ୍ତ ରମ୍ୟ କୋମଳ ତରଳ ।
ପ୍ରେମ-ପୁଲକିତ ନବ ମଧୁର ଯୌବନ,
ସର୍ବଆତ୍ମା ଏଥି ହେଲେ ମାନବ-ଜୀବନ !

ରହିବ କି ଚିରଦିନ ଯୋଜନ ଅନ୍ତର ?
ବହିବ କି ଚିରଦିନ ଅତଳ ସାଗର ?

ଶୁଖିବ ନାହିଁ କି ସିନ୍ଧୁ ନିଦାଘ କିରଣେ ?
ଘନିବ ନାହିଁ କି ଶୀତ ହିମ ଆବରଣେ ?

ନିର୍ମଳ ଶରଦ ଶଶୀ ଶୀତଳ କିରଣ
ମଧୁର ବସନ୍ତ ମୃଦୁମନ୍ଦ ସମୀରଣ,

ହରିବ ନାହିଁ କି କେବେ ପରାଣ ବେଦନା ?
ଘଟିବ ନାହିଁ କି ଆଉ ଯୁଗଳ ଯୋଜନା ?
ତୁଟିବ ନାହିଁ କି କେବେ ହୃଦୟରୁ ଦାଗ
ଫୁଟିବ ନାହିଁ କି ପୁଣି ପୂର୍ବ ଅନୁରାଗ ?
ଲଭି ଯେ ବୁକୁରେ ଶିର ରହି ଆନ ମୁଖେ
ଶୋଇଥିଲି କୁତୂହଳେ ଏକ ମନସୁଖେ ।
ଯେତେ ଯେତେ କଥା ଅଛି ସେ ବୁକୁ ଭିତରେ,
ଫିଟିବ ନାହିଁ କି ତାହା କେବେ ଏକାନ୍ତରେ ?

ଏକକୁ ଅନାଇଁ ଆନ ନେତ୍ରୁ ଅଶ୍ରୁଧାର
ବହିବ ନାହିଁ କି ଭେଦ ହୃଦୟ-ଦୁଆର ?

“ତୁଃ ଛାଡ଼ିଲେ ମୁଁ ତତେ ନ ଛାଡ଼ିବି କ୍ଷଣେ”
କହିବ କି ଏକ ଆନେ ଇଙ୍ଗିତ ଲକ୍ଷଣେ ?

ନୀରବ ଆଳାପେ କହି ମରମ ଭାଷଣ,
କରିବ ନାହିଁ କି ଏକ ଆନେ ଆଲିଙ୍ଗନ ?

ବିଭାସିବ ପ୍ରେମ ତେବେ ଅଭିନବ ରାଗେ
ଯୁଗଳ କମଳ-କଳି ଫୁଟିବ ସରାଗେ ।

ବିଚ୍ଛେଦେ ବିକାଶେ ପ୍ରେମ ଅତି ମଧୁମୟ
ଶୀତ ଅନ୍ତେ ଶୋଭେ ଯିନା ନବ କିଶଳୟ !

## ବିଶ୍ୱର ମିଳନ ଚିତ୍ର

କାହିଁ ତପନ କେତେ ଦୂର ଅମ୍ବରେ
କାହିଁ ନଳିନୀ ତଳେ ଫୁଟଇ ସରେ,
ଉଇଁବା ମାତ୍ରେ ରଶ୍ମି କର ବଢ଼ାଇ
ନଳିନୀ ଅଙ୍ଗେ ଦିଏ ଅଙ୍ଗ ଲଗାଇ । ୧ ।

କାହିଁ ସୁନୀଳ ନଭେ ବସିଛି ଇନ୍ଦୁ
କାହିଁ ଧରଣୀ ତଳେ ସୁନୀଳ ସିନ୍ଧୁ,
ପ୍ରେମେ ଲହରୀ ବାଳା ଖେଳେ ଉଲ୍ଲାସେ
ସୁଧାଂଶୁ ସୁଧାମୟ କର ପରଶେ । ୨ ।

ସଞ୍ଚାରେ ବାୟୁ କାହିଁ ଅନନ୍ତ ପଥେ
ନ ଭୁଲେ ପ୍ରୀତି ଗିରିଗୁହା ସଙ୍ଗତେ,
ନ କରି ଘନ ବାର ଋତୁ ବାରଣ
ଦରୀ ସୁନ୍ଦରୀ ମୁଖ ଚୁମ୍ବେ ପବନ । ୩ ।

ନୀରଦ ଆଲିଙ୍ଗନେ ସଦା ସ୍ନେହରେ
ଗୁପଇ ଚପଳାକୁ ନିଜ ଦେହରେ,
କଳା ହେଲେହେଁ ମେଘେ ପ୍ରେମ-ପୁଲକେ
ଗୁରୁ ଚପଳା ଚୁମ୍ବେ ପଲପଲକେ । ୪ ।

ବିସ୍ତାରି ଶାଖା ଭୁଜ ତରୁ ସୁବେଶେ
ଲଳିତ ଲତା ତନୁ ପ୍ରେମେ ଆଶ୍ଳେଷେ,

ନ ଛୁଡ଼େ ତରୁ ସଙ୍ଗ କେବେ ବ୍ରତତୀ
ସର୍ବାଙ୍ଗ ଶତମୁଖେ ଚୁମ୍ବଇ ସତୀ । ୫ ।

କଠିନ ଗିରିବକ୍ଷ ଚୁମ୍ବେ ଝରଣା
ଅଙ୍ଗରେ ଅଙ୍ଗ ଛନ୍ଦ ଶୁଭ୍ର ବରଣା,
ସହେ ଶଇଳ ତାର ପ୍ରପାତ ଖର
ସାଦରେ ସଦା ଯେହ୍ନେ ଗଳାର ହାର । ୬ ।

ଲଙ୍ଘି ସରିତ ବନ୍ଧୁ ପଥ ଦୁର୍ଗମ
ପ୍ରେମେ ଉଚ୍ଛୁଳେ ଲଭି ସିନ୍ଧୁ-ସଙ୍ଗମ,
ଚୁମ୍ବିଲେ ସିନ୍ଧୁନୀର ବିଶାଳ ବାହୁ
ଗାଢ଼ ଆଶ୍ଳେଷେ ଦୃଶ୍ୟ ନ ହୁଏ ଆଉ । ୭ ।

ଭୁଲି ସାଗର ନିଜ ମହତପଣ
ପ୍ରେମେ ଉନ୍ମାଦେ ଚୁମ୍ବେ ବେଳା ଚରଣ,
ମର୍ଯ୍ୟାଦା ଜଗି ମନା କରଇ ବେଳା
ଲାଗିଛି ଅନୁକ୍ଷଣ ଏ ପ୍ରୀତି-ଖେଳା । ୮ ।

ଚୁମ୍ବେ କଠିନ ଲୌହ କଠିନ ଶିଳା
ଜଗତେ କି ବିଚିତ୍ର ଏ ପ୍ରେମ-ଲୀଳା,
ଚୁମ୍ବନ ଆଲିଙ୍ଗନ ପୀରତି କିସ୍ଥା
କ୍ଷଣକେ ତରଳାଏ ପାଷାଣ ହିଆ । ୯ ।

ଶୂନ୍ୟ ସଂସାର ମୋର ଶୂନ୍ୟ ସଦନ
ଚୁମ୍ବନ ଆଲିଙ୍ଗନ ମତେ ସ୍ୱପନ,
କିଏ ବା ଦେବ ନେବ ପ୍ରେମ-ପୀୟୁଷ
ନୀରବ ହାହାକାରେ ଯିବ ଆୟୁଷ ? । ୧୦

ମିଳିବ ନାହିଁ କି ସେ ପୀରତି-ସୁଧା
ମୋ ଲାଗି ଶୁଷ୍କ କି ଏ ବିଶ୍ୱ ବସୁଧା ?
ଆଦର ଆଲିଙ୍ଗନ ସ୍ନେହ ଚୁମ୍ବନ
ଦେବ ନାହିଁ କି ପ୍ରାଣେ ପୁଣ୍ୟ ପ୍ରେରଣ ? । ୧୧ ।

ଜାଣେ ଅଛନ୍ତି ମୋର ପରାଣପତି
ସୁନ୍ଦର ସତ୍ୟ ଶିବ ଅଗତିଗତି,
ରହିଛି ନିତି ତାଙ୍କ ବାଟ ଅନାଇ
ହୃଦ-ପଲଙ୍କେ ଫୁଲଶେଯ ସଜାଇ । ୧୨ ।

ଦେଖିବି ଥରେ ଯେବେ ପରାଣନାହା
ଛାଡ଼ିବି ନାହିଁ ଭିଡ଼ି ଧରିବି ବାହା,
ଢାଳିବି ମନ ଭରି ଚୁମ୍ବ ଆଶ୍ଳେଷ
ପୂରିବ ପ୍ରାଣ ପ୍ରାସ ହରିବ କ୍ଳେଶ । ୧୩ ।

ମିଶେ ସରିତ ଯଥା ମହାସାଗରେ
ଜଡ଼େ ବଲ୍ଲରୀ ଯଥା ତରୁ ଅଙ୍ଗରେ,
ନୀଳ ନୀରଦେ ଯଥା ଖେଳେ ଚପଳା
ନିର୍ଝର ଧାରା ଯଥା ଗିରି-ମେଖଳା । ୧୪ ।

ନାଚେ ଲହରୀ ଯଥା ଶଶୀ ପରଶେ
ନଳିନୀ ଯଥା ରବିକରେ ହରଷେ,
ମିଳାଇପ୍ରାଣ ତଥା ପ୍ରାଣେଶ ପଦେ
ନାଚିବି ବିଶ୍ୱପ୍ରେମ ପରମାନନ୍ଦେ । ୧୫ ।

ଗିରି ସାଗର ନଦୀ ତପନ ଶଶୀ
ସର୍ବେ ଚୁମ୍ବିବେ ମୋତେ ପ୍ରେମେ ପରଶି
ମୋ ପ୍ରାଣ ପ୍ରେମଧାରେ ଭାସିବ ଧରା
ହେବ ଏ ବିଶ୍ୱ ମୋର ପ୍ରେମ-ପସରା । ୧୭ ।

ସମାପ୍ତ

କଟକ ସତ୍ୟବାଦୀ ପ୍ରେସରେ ଶ୍ରୀ ଉଦୟନାଥ ଷଡ଼ଙ୍ଗୀଙ୍କ ଦ୍ୱାରା ପ୍ରକାଶିତ
୧୯୫୩

ପ୍ରକାଶକ
ଗୋପବନ୍ଧୁ ସାହିତ୍ୟ ମନ୍ଦିର

ମୂଲ୍ୟ ୫ ୦ ୟ

ମୁଦ୍ରାକର
ଶ୍ରୀ ଉଦୟନାଥ ଷଡ଼ଙ୍ଗୀ
**ସତ୍ୟବାଦୀ ପ୍ରେସ, କଟକ**
୧୯୫୩